**Question Bank With Answer Scheme**

**Half Yearly Exam, CLASS-IX**

**SUBJECT : ODIA**

**Lesson - I**

**Extract -1**

## ଗାନ୍ଧାରୀର ଆଶୀର୍ବାଦ

1. ଅରାତି ବିହୀନ କରି ଏ ଧରଣୀ
ବିଜୟର ଟିକା ବହି -
ଫେରି ଆସେ ମାତ, ଦିଅ ଗୋ ଆଶିଷ
କରଗତ କରି ମହୀ ।

(କ) ଉଦ୍ଧୃତ ବକ୍ତବ୍ୟଟି କାହାର ? ସେ କାହାକୁ ଏକଥା କହିଛନ୍ତି ? (୨)

(ଖ) କରଗତ କରିବାର ଅର୍ଥ କ'ଣ ? କିଏ କାହାକୁ କରଗତ କରିବାକୁ ଚାହୁଁଥିଲେ ? (୨)

(ଗ) କବିତାଟିରେ କେଉଁ ଯୁଦ୍ଧ ବିଷୟରେ କୁହାଯାଇଛି ? ଏ ଯୁଦ୍ଧକୁ ଧର୍ମ ଯୁଦ୍ଧ କାହିଁକି କୁହାଯାଇଛି ? (୩)

(ଘ) କବିତାରେ କାହାକୁ କାହିଁ କୋଟି ବିଶ୍ୱର ରାଣୀ କୁହାଯାଇଛି ? (୩)

## ଉତ୍ତର

(କ) ବକ୍ତବ୍ୟଟି କୁରୁଚୂଡ଼ାମଣି ଦୁର୍ଯ୍ୟୋଧନଙ୍କର । ସେ ଯୁଦ୍ଧକୁ ଯିବା ପୂର୍ବରୁ ମାତାଙ୍କ ଆଶୀଷ ନେବା ନିମନ୍ତେ ତାଙ୍କ ନିକଟରେ ଉପସ୍ଥିତ ହୋଇ ଏପରି କହିଛନ୍ତି ।

(ଖ) କରଗତ କରିବାର ଅର୍ଥ ହସ୍ତଗତ କରିବା ବା ନିଜ ଅଧୀନରେ ଆଣିବା । ମହାମାନୀ ଦୁର୍ଯ୍ୟୋଧନ ପାଣ୍ଡବମାନଙ୍କ ରାଜ୍ୟ ହସ୍ତିନାପୁରକୁ ନିଜ ଅଧିକାରକୁ ଆଣିବାକୁ ଚାହୁଁଥିଲେ ।

(ଗ) କବିତାରେ ବିଶ୍ୱପ୍ରସିଦ୍ଧ ମହାଭାରତ ଯୁଦ୍ଧ ବିଷୟରେ କୁହାଯାଇଛି । ଏ ଯୁଦ୍ଧକୁ ଧର୍ମଯୁଦ୍ଧ କୁହାଯାଏ । କାରଣ ଜଗତରେ ନ୍ୟାୟ ଓ ଧର୍ମର ପ୍ରତିଷ୍ଠା ପାଇଁ ଏ ଯୁଦ୍ଧ କୃଷ୍ଣଙ୍କର ପ୍ରରୋଚନାରେ ଧର୍ମକ୍ଷେତ୍ର କୁରୁକ୍ଷେତ୍ରରେ ଧର୍ମନୀତିରେ ହେଉଥିବାରୁ ଏହାକୁ ଧର୍ମଯୁଦ୍ଧ କୁହାଯାଏ ।

(ଘ) କବିତାରେ ଗାନ୍ଧୀରୀଙ୍କୁ କୋଟି ବିଶ୍ୱର ରାଣୀ କୁହାଯାଇଛି । କୁରୁଶ୍ରେଷ୍ଠ ଦୁର୍ଯ୍ୟୋଧନ ଯେତେବେଳେ ମାତା ଗାନ୍ଧାରୀଙ୍କ ପାଖକୁ ବିଜୟର ଆଶୀର୍ବାଦ ନେବାକୁ ଯାଇଥିଲେ ସେତେବେଳେ ଗାନ୍ଧୀର ତାଙ୍କୁ 'ଅକ୍ଷୟ ହେଉ ପୁଣ୍ୟ ଜଗତେ ଧର୍ମର ହେଉ ଜୟ' ବୋଲି ଆଶୀର୍ବାଦ ଦେଇଥିଲେ । ମା'

ତାଙ୍କୁ ବୁଝାଇ କହିଥିଲେ ଯେ ସେ କେବଳ କୌରବଙ୍କର ମା' ନୁହନ୍ତି। ଆଜି ରଣଭୂମିରେ ଉପସ୍ଥିତ ଥିବା ସମସ୍ତ ବୀର ସନ୍ତାନଗଣଙ୍କର ମା'। ତାଙ୍କ ମନରେ ସର୍ବଦା ସଂସାରରେ ଧର୍ମର ପ୍ରତିଷ୍ଠା ବଜାୟ ରହିବା ନିହାତି ଦରକାର ଥିଲା। ତେଣୁ ତାଙ୍କୁ କୋଟି ବିଶ୍ୱର ରାଣୀ କୁହାଯାଇଛି।

2. ଆଶିଷ କି ଅବା ଅଭିଶାପ ଏ ଯେ
ପୁତ୍ର ନ ପାରେ ଜାଣି,
ସହଜ ଗତିରେ ବଚନ ଭାଷଇ
ଧୃତରାଷ୍ଟ୍ରର ରାଣୀ।

(i) **ଉଦ୍ଧୃତାଂଶରେ ମାତା-ପୁତ୍ରଙ୍କର ପରିଚୟ ଦିଅ।**

ଉ : ଉଦ୍ଧୃତାଂଶରେ ମାତା ମହାରାଣୀ ଗାନ୍ଧାରୀ। ସେ ହସ୍ତିନାର ରାଜା ଧୃତରାଷ୍ଟ୍ରଙ୍କର ରାଣୀ ଥିଲେ। ତାଙ୍କର ଶହେଟି ବୀର ଯୋଦ୍ଧା ପୁତ୍ର ଥିଲେ। ଏଠାରେ ପୁତ୍ର ହେଉଛନ୍ତି ଦୁର୍ଯ୍ୟୋଧନ। ସେ କୌରବମାନଙ୍କର ବଡ଼ ଭାଇ, ଗାନ୍ଧାରୀଙ୍କର ଜ୍ୟେଷ୍ଠ ପୁତ୍ର।

(ii) **ପୁତ୍ର ଆଶୀର୍ବାଦ ଓ ଅଭିଶାପ ମଧ୍ୟରେ ପାର୍ଥକ୍ୟ ବୁଝିଲେ ନାହିଁ କାହିଁକି ?**

ଉ : ପୁତ୍ର ଦୁର୍ଯ୍ୟୋଧନ ଜୟଲାଭ କରିବାର ଆଶୀର୍ବାଦ ମାଗିଥିଲେ। ମା' କହିଲେ ନିର୍ଭୟ ମନରେ ଯୁଦ୍ଧ ଲଢ଼ିବାକୁ ଯାଅ। ଧର୍ମର ଜୟ ହେଉ। ଏହା ଦୁର୍ଯ୍ୟୋଧନଙ୍କୁ ଅଭିଶାପ ପରି ଲାଗିଲା, କାରଣ ସେ ଜାଣିଥିଲେ ଯେ ସେ ନିଜେ ଧର୍ମ ପକ୍ଷରେ ନଥିଲେ।

(iii) **'ସହଜ ଗତିରେ' କହିବା କହିଲେ କ'ଣ ବୁଝ ?**

ଉ : ମନରେ କୌଣସି ଚିନ୍ତା, ଭୟ, ଆଶଙ୍କା ବା କୁଟିଳତା ନଥାଇ କଥା କହିବାକୁ ସହଜ ଗତିରେ କହିବା କୁହାଯାଏ। ଗାନ୍ଧାରୀ ଏହିପରି କହୁଥିଲେ।

(iv) **ରାଣୀଙ୍କର ପ୍ରକୃତ ଉଦ୍ଦେଶ୍ୟ କ'ଣ ଥିଲା ?**

ଉ : ରାଣୀଙ୍କ ମନରେ କୌଣସି କୁଟିଳ ଭାବ ନଥିଲା। ସେ ମାନବ ଜାତିର ମଙ୍ଗଳ କାମନା କରୁଥିଲେ। କୌଣସି ପର ଆପଣା ଭେଦଭାବ ତାଙ୍କ ମନରେ ନଥିଲା। ସେ ଭାବୁଥିଲେ ଯିଏବି ସତ୍ୟ ଧର୍ମର ପକ୍ଷ ନେବ ସେ ଜିଣିବ। ତେଣୁ ଯୋଦ୍ଧା ନିଜେ ସ୍ଥିର କରୁ ସେ ଯେଉଁ ପକ୍ଷରେ ଲଢ଼େଇ କରିବ।

3. ଯାଅ ବୀର ରଣେ, ଦେଉଛି ମେଲାଣି
ନ କର ଦୁଃଖ ଭୟ,
ଅକ୍ଷୟ ହେଉ ପୁଣ୍ୟ ଜଗତେ
ଧର୍ମର ହେଉ ଜୟ।



(i) **ନିର୍ଭୀକ ହୋଇ ଯୁଦ୍ଧଭୂମିକୁ କିପରି ଯାଇପାରିବ ?**

ଉ : ଯୁଦ୍ଧକୁ ଯାଉଥିବା ପ୍ରତ୍ୟେକ ଯୋଦ୍ଧା ଜିଣିବାର ଲକ୍ଷ୍ୟ ରଖିଯାଏ। କିନ୍ତୁ ସେପରି ନଭାବି ଯଦି ଜଣେ ଯୁଦ୍ଧକୁ ନିଜର ଧର୍ମ ଓ କର୍ତ୍ତବ୍ୟ ମନେକରିଯିବ, ଫଳାଫଳ କଥା ବିଚାର କରିବ ନାହିଁ ତେବେ ସେ ନିର୍ଭୀକ ହୋଇଯାଇପାରିବ। ନିଜର ବୀରତାରେ ଲଢ଼ିବ କୌଣସି ଅନୀତ କରିବ ନାହିଁ।

(ii) **ଏ ଯୁଦ୍ଧ ଶେଷରେ ଜଗତର କି ଲାଭ ବା କ୍ଷତି ହେବ ?**

ଉ : ଜଗତରେ ବହୁତ ଅନ୍ୟାୟ ଅଧର୍ମ ବ୍ୟାପି ଯାଇଥିଲା। ତାହା ମାନବ ସମାଜ ପାଇଁ ଏକାନ୍ତ କ୍ଷତିକାରକ ହେଉଥିଲା। ଯେପରି ମଇଳା ପାଣିକୁ ଛାଣି ଦେଲେ ପାଣି ଓ ମଇଳା ଅଲଗା ହୋଇଯାଏ ସେହିପରି ଅନ୍ୟାୟ ଅସତ୍ୟ ହ୍ରାସ ପାଇଗଲେ। ଜଗତର ମଙ୍ଗଳ ହୁଏ, ଲାଭ ହୁଏ।

(iii) **ଯୁଦ୍ଧର ପରିଣାମ ବିଷୟରେ ରାଣୀ କାହିଁକି ଭାବିଲେ ?**

ଉ : ଗାନ୍ଧାରୀ ହସ୍ତିନାର ମହାରାଣୀ, ଶହେ ପୁତ୍ରର ଜନନୀ। ସମଗ୍ର ରାଜ୍ୟର ସୁଖ ଦୁଃଖ ଭଲ, ମନ୍ଦ ତାଙ୍କର ଦାୟିତ୍ୱ। ତେଣୁ ଯୁଦ୍ଧ ଶେଷରେ ପରିଣାମ କ'ଣ ହୋଇପାରେ ଚିନ୍ତା କରିବା ଓ ନ୍ୟାୟ ଏବଂ ଧର୍ମକୁ ପ୍ରେରଣା ଦେବା ତାଙ୍କର କର୍ତ୍ତବ୍ୟ।

(iv) **ଏହି ଯୁଦ୍ଧକୁ ଧର୍ମଯୁଦ୍ଧ କୁହାଯାଏ କାହିଁକି ?**

ଉ : ଏହି ଯୁଦ୍ଧ କୁରୁକ୍ଷେତ୍ର ନାମକ ଯୁଦ୍ଧ ଭୂମିରେ ଲଢ଼ା ଯାଉଥିଲା। କୁରୁକ୍ଷେତ୍ରର ଅନ୍ୟ ନାମ ଧର୍ମ କ୍ଷେତ୍ର। ଏଠାରେ ଯିଏ ବି ଯାହା ସହିତ ଲଢ଼େଇ କରିପାରେ କିନ୍ତୁ ପରିଣାମରେ ଜୟ ହେବ ଯେଉଁ ପକ୍ଷ ଧର୍ମ ଓ ନ୍ୟାୟ ସପକ୍ଷରେ ଲଢ଼େଇ କରିବେ। ଏହା ଏହି ଯୁଦ୍ଧଭୂମିର ମହାନତା।

4. ଗାନ୍ଧାରୀ ଦେଲା ଜନନୀ ପ୍ରାଣର
ସୁମହତ ପରିଚୟ
ଅକ୍ଷୟ ହେଉ ପୁଣ୍ୟ ଜଗତେ
ଧର୍ମର ହେଉ ଜୟ।

(i) **ଗାନ୍ଧାରୀଙ୍କ ପରିଚୟ ଦିଅ।**

ଉ : ଗାନ୍ଧାରୀ ହସ୍ତିନାପୁର ରାଜାଙ୍କର ମହାରାଣୀ। ସେ ଶହେ ପୁଅଙ୍କର ଜନନୀ ଥିଲେ। ଅତି ଧାର୍ମିକ ଓ ଶୁଦ୍ଧ ପବିତ୍ର ଚରିତ୍ରର ଥିବାରୁ ତାଙ୍କର ଆଶିଷ ବର ପରି କାମ କରୁଥିଲା।

(ii) **ତାଙ୍କୁ ବିଶ୍ୱଜନନୀ କୁହାଯାଏ କାହିଁକି ?**

ଉ : ଜଣେ ସନ୍ତାନର ମା' ତା'ର ଜନନୀ। ଯିଏ ଏପରି ଚରିତ୍ରର ମା' ହୋଇଥିବ ଯେ ସଂସାରର ଲାଭ କ୍ଷତି, ଭଲ ମନ୍ଦ କଥା ଚିନ୍ତା କରି କାର୍ଯ୍ୟ କରୁଥିବ ତାକୁ ବିଶ୍ୱଜନନୀ କୁହାଯିବ। ଗାନ୍ଧାରୀ ସେହିପରି ଜଣେ ମା' ଥିଲେ। ଯେର ସଂସାରର ସବୁ ମା' ମାନଙ୍କ ହସ କାନ୍ଦ କଥା ଭାବି ପାରୁଥିଲେ, ବୁଝୁଥିଲେ।

(iii) ଗାନ୍ଧାରୀଙ୍କ ଦୃଷ୍ଟିରେ ପାଣ୍ଡବ ଓ କୌରବ ସେନାର ମହତ୍ତ୍ୱ ଲେଖ।

ଉ : ରାଣୀ ଗାନ୍ଧାରୀ ଏପରି ଜଣେ ମା' ଥିଲେ ଯାହାଙ୍କ ଆଖିରେ କେବଳ ନିଜର ଶହେ ପୁଅ ନୁହେଁ, ଧର୍ମକ୍ଷେତ୍ରରେ ଲଢୁଥିବା ସବୁ ଯୋଦ୍ଧା ସୈନିକ ତାଙ୍କରି ସନ୍ତାନ ତୁଲ୍ୟ। କୌରବମାନେ ଯେପରି ତାଙ୍କର ସନ୍ତାନ, ପାଣ୍ଡବମାନେ ମଧ୍ୟ ଠିକ୍ ସେହିପରି ତାଙ୍କର ସନ୍ତାନ। ତେଣୁ ଜଣେ ମହାନ ବ୍ୟକ୍ତିତ୍ୱଙ୍କ ଦୃଷ୍ଟିରେ ପାଣ୍ଡବ ଓ କୌରବ ସେନା ସମସ୍ତେ ସମାନ। ସମସ୍ତେ ଆସନ୍ତା ଯୁଗର ଧର୍ମ ଓ ନ୍ୟାୟର ପ୍ରତିଷ୍ଠାରେ ଜଣେ ଜଣେ ଶିଳ୍ପୀ।

(iv) ପୁଣ୍ୟ ଅକ୍ଷୟ ହୁଏ କିପରି ?

ଉ : ଈଶ୍ୱରଙ୍କ ଉପରେ ଭକ୍ତି ଓ ବିଶ୍ୱାସ ରଖି ସତ୍ୟ, ଧର୍ମ, ନ୍ୟାୟ ପ୍ରତିଷ୍ଠାରେ ସାହାଯ୍ୟ କରି ଶୁଦ୍ଧ ନିର୍ମଳ ଜୀବନ କଟାଇଲେ ପୁଣ୍ୟ କ୍ଷୟ ହୁଏ ନାହିଁ।

ନିଜକୁ ସବୁପ୍ରକାର ଦୁର୍ନୀତିରୁ ମୁକ୍ତ ରଖି ଯଦି ନିଜର ଭଲ କରିବା ସହିତ ଅନ୍ୟର କ୍ଷତି ନହେବା ପରି କାମ କରିବ ତେବେ ପୁଣ୍ୟ କ୍ଷୟ ହେବ ନାହିଁ।

କଥା, କାମ, ଚିନ୍ତା ସବୁଥିରେ ଯଦି ନିର୍ମଳ ଭାବନା ରହେ, ଦେଶ ଓ ଜାତିର ବିକାଶରେ ଯଦି ଆମେ ଭାଗ ନେଇପାରୁ ତେବେ ପୁଣ୍ୟ ଅକ୍ଷୟ ହୁଏ।

ଏହିପରି ସଦ୍‌ଭାବନା ମାନ ମନରେ ରଖି ଗାନ୍ଧାରୀ କହିଥିଲେ ଯେ ଏ ଯୁଦ୍ଧ ଶେଷରେ ସତ୍ୟର ଜୟ ଓ ଅସତ୍ୟର ପରାଜୟ ଏବଂ ବିନାଶ ହେବ। ତାହା ଦ୍ୱାରା ସଂସାରରେ ପୁଣ୍ୟ ଅକ୍ଷୟ ହେବ।

5. "ଜନନୀର ପାଦେ ନତକରି ଶିର
ମାଗେ କୁରୁ ଚୂଡ଼ାମଣି
ଶତ୍ରୁ ଶଇନ ପଦେ ଦଳି ଆସେ
ଭିକ୍ଷା ଦିଅ ଜନନୀ।"

(i) କୁରୁ ଚୂଡ଼ାମଣି କିଏ ?

ଉ : କୌରବ ଶ୍ରେଷ୍ଠ, ମହାମାନୀ ଦୁର୍ଯ୍ୟୋଧନ ହେଉଛନ୍ତି କୁରୁ ଚୂଡ଼ାମଣି। କୌରବମାନଙ୍କ ମଧ୍ୟରେ ଅଗ୍ରଜ, କୁରୁଶ୍ରେଷ୍ଠ, ମହାପ୍ରତାପୀ, ମହାପରାକ୍ରମୀ ଦୁର୍ଯ୍ୟୋଧନ। ଗାନ୍ଧାରୀ ନନ୍ଦନ ଦୁର୍ଯ୍ୟୋଧନ। ଅହଂସିକ୍ତ, ଅସୂୟା ପ୍ରଣୋଦିତ୍ ଦୁର୍ଯ୍ୟୋଧନ। ଶହେ ଭାଇ ମଧ୍ୟରୁ ଗୌରବ ଶ୍ରେଷ୍ଠ ଦୁର୍ଯ୍ୟୋଧନ। ଅପର ପକ୍ଷରେ ଦୁର୍ଯ୍ୟୋଧନ ଚରିତ୍ର ମାନୀ ଓ ଗର୍ବୀ। ସବୁ କଳହର ମୂଳ କାରଣ। କୌରବ କୁଳର ଜ୍ୟେଷ୍ଠ ଭ୍ରାତା, ପିତାମାତାଙ୍କ ପ୍ରତି ତାଙ୍କର ଅନାଗ୍ରହୀ ଭାବ। ବିନା ଯୁଦ୍ଧରେ ସୂଚ୍ୟଗ୍ର ମେଦିନୀ ନଦେବା ଲାଗି ନିଷ୍ପତ୍ତି, ଯାହାର ପରିଣତିରେ ଭୟାବହ ଯୁଦ୍ଧ, ରକ୍ତପାତରେ ରକ୍ତନଦୀ ପ୍ରବାହିତ।

4

(ii) ଜନନୀ ବୋଲି କାହାକୁ କୁହାଯାଇଛି ?

ଉ : ସ୍ନେହଶୀଳା ଜନନୀ ଗାନ୍ଧାରୀ, ଧୃତରାଷ୍ଟ୍ରଙ୍କ ପତ୍ନୀ ଗାନ୍ଧାରୀ, ଶତପୁତ୍ରର ଜନନୀ ଗାନ୍ଧାରୀ। ସତ୍ୟବତୀ ଅନୁପମ ଚରିତ୍ରର ଅଧିକାରିଣୀ ଗାନ୍ଧାରୀ। ସ୍ୱାମୀଙ୍କ ଲାଗି ସୋହାଗିନୀ ପତିବ୍ରତା ଗାନ୍ଧାରୀ, ସବୁଦିନ ଲାଗି ଚକ୍ଷୁରେ ଆବରଣ ଦେଇଥିବା ଗାନ୍ଧାରୀ। ସମର୍ପିତ ଆଉ ନିଷ୍କଳଙ୍କ ଚରିତ୍ରର ଆଧାରସିକ୍ତା ମା' ଗାନ୍ଧାରୀ। ସତ୍ୟନିଷ୍ଠ, ସମଭାବପନ୍ନା ମାତୃ ହୃଦୟ ଧାରିଣୀ ଜନନୀ ଗାନ୍ଧାରୀ। ଅମୃତ ଚରିତ୍ରର ନାରୀ ଦୃଷ୍ଟାନ୍ତ ମା' ଗାନ୍ଧାରୀ ସତ୍ୟ ସନ୍ଧ ଧୃତରାଷ୍ଟ୍ରଙ୍କ ପରି ସଦାସର୍ବଦା ଗାନ୍ଧାରୀ ସତ୍ୟ ଆଉ ଧର୍ମର ଜୟଗାନ କରିଛନ୍ତି।

(iii) 'ଅକ୍ଷୟ ହେଉ ପୁଣ୍ୟ ଜଗତେ'ର ଅନ୍ତଃସ୍ୱର କ'ଣ ?

ଉ : ଗାନ୍ଧାରୀ ଚରିତ୍ର ମହାଭାରତରେ ଏକ ଅନୁପମ ସୃଷ୍ଟି। ପୁଣ୍ୟ ସବୁ ଯୁଗରେ ପବିତ୍ର, ସତ୍ୟ ଅକ୍ଷୟ। ସତ୍ୟ କାଳଜୟୀ, ପୁଣ୍ୟ ରସୋତ୍ତୀର୍ଣ୍ଣ। ପୁଣ୍ୟ ଭାବ ଗମ୍ଭୀର, ପୁଣ୍ୟ ଜଗତ୍‌ଜିତା, ପୁଣ୍ୟ ଉତ୍କୃଷ୍ଟ, ପୁଣ୍ୟ ଶ୍ରେଷ୍ଠ। ଗୋଟିଏ ପଟେ ଧର୍ମ, ସତ୍ୟ ଆଉ ପୁଣ୍ୟ, ଆଉ ଗୋଟିଏ ପକ୍ଷରେ ଅଧର୍ମ, ଅସତ୍ୟ ଆଉ ପାପ। ଏହି ଦ୍ୱନ୍ଦ୍ୱ ଅବସ୍ଥାରେ ମହାଭାରତ ଯୁଦ୍ଧ। କିନ୍ତୁ ସବୁବେଳେ ଧର୍ମର ଓ ପୁଣ୍ୟର ଜୟ ବୋଲି ଇତିହାସ କହେ। ମା' ଗାନ୍ଧାରୀ ଜାଣନ୍ତି କୌରବ କୁଳ ଅଧର୍ମ ଆଉ ଅସତ୍ୟର ପଦାଚାରୀ ଔଦ୍ଧତ୍ୟ ଓ ଅହଂକାରର ବଶବର୍ତ୍ତୀ। ତେଣୁ ସତ୍ୟଧର୍ମା ଗାନ୍ଧାରୀ ଧର୍ମ ଓ ପୁଣ୍ୟର ଜୟ ହେଉ ବୋଲି ଦୃଢ଼ ସ୍ୱରରେ ଦୁର୍ଯ୍ୟୋଧନକୁ ଆଶିଷ ପ୍ରଦାନ କରିଛନ୍ତି।

(iv) ମା' ଗାନ୍ଧାରୀ ମହାଭାରତ ଯୁଦ୍ଧର ଭୟାବହ ପରିଣତି ସମ୍ପର୍କରେ କ'ଣ କହିଛନ୍ତି ?

ଉ : ମା' ଗାନ୍ଧାରୀଙ୍କ ଚରିତ୍ର ଏକ ବିରଳ ଚରିତ୍ର। ମାତୃତ୍ୱର ସଂଜ୍ଞା ତାଙ୍କ ପାଖରେ ଏକ ନୂତନ ସଂଜ୍ଞା । ସେ ବିଶ୍ୱ ମାତୃତ୍ୱର ଉଦାହରଣ। ସର୍ବଜନାଦୃତ ମାତୃତ୍ୱର ପରାକାଷ୍ଠା ପ୍ରତିପାଦିତ କରିଅଛନ୍ତି। ସେ କୁରୁଶ୍ରେଷ୍ଠ ଦୁର୍ଯ୍ୟୋଧନଙ୍କୁ ବୁଝାଇ କହିଅଛନ୍ତି ଯେ, ମହାଭାରତ ଯୁଦ୍ଧରେ ଗୋଟିଏ ପକ୍ଷର ଜୟ ଓ ଅନ୍ୟପକ୍ଷର ପରାଜୟ। ଉଭୟ ପକ୍ଷ କେବେ ଜୟଲାଭ କରିବେ ନାହିଁ। କିନ୍ତୁ ଯୁଦ୍ଧରେ ଉଭୟ ପକ୍ଷର ଯୋଦ୍ଧାଙ୍କର କ୍ଷତି ହେବା ଧ୍ରୁବ ସତ୍ୟ। କିଏ ବା ଆହତ ହୋଇପାରନ୍ତି ଆଉ କିଏ ବା ନିହତ ହୋଇପାରନ୍ତି। ତେଣୁ ସେ ବିଶ୍ୱଚେତନାରେ ଉଦ୍‌ବୁଦ୍ଧ ହୋଇ କହିଅଛନ୍ତି, ଦୁର୍ଯ୍ୟୋଧନର ମୃତ୍ୟୁ ତାଙ୍କ ପ୍ରାଣରେ ଯେତିକି ଦୁଃଖ ଦେବ, ଅର୍ଜ୍ଜୁନଙ୍କ ନିଧନ ମଧ୍ୟ ସେତିକି କାତରତା ସୃଷ୍ଟି କରିବ ତାଙ୍କ ପ୍ରାଣରେ। କୌରବ ଶହେଭାଇ ତାଙ୍କର ଯେପରି ପୁତ୍ରବତ୍, ପାଣ୍ଡବ ପାଞ୍ଚଭାଇ ମଧ୍ୟ ତାଙ୍କର ତତ୍ତୁଲ୍ୟ ପୁତ୍ର ସମାନ।

## କାଳିଜାଈ

1. "ପାରିକୁଦ ବୋଲି ରାଇଜ ପୁଣି ସେ
ଚିଲିକା ମଝିରେ କାହିଁ,
କୋମନ୍ତେ ମୂର୍ଚ୍ଛିଲ ଝିଅକୁ ବାପା ହେ,
ଏତେ ଦୂରେ ଦେବା ପାଇଁ !"

**(i) ପାରିକୁଦ କେଉଁଠାରେ ଅବସ୍ଥିତ ? ଝିଅର ସେ ସ୍ଥାନ ବିଷୟରେ ଅଭିଯୋଗ ଅଛି କାହିଁକି ?**

ଉ : ପାରିକୁଦ ଚିଲିକା ହ୍ରଦରେ ଥିବା ଏକ ଛୋଟ ଦ୍ୱୀପ। ଝିଅ ଜାଇ, ସେ ସ୍ଥାନ ବିଷୟରେ କିଛିବି ଜାଣେ ନାହିଁ। ସେଠାକୁ ଯିବା ପାଇଁ ସେ ପ୍ରଥମ ଥର ଡଙ୍ଗାରେ ବସିଛି। ଭୟାର୍ତ୍ତ ହୋଇ ହୋଇ ସେ ଭାବୁଛି ତା ବାପା ମା ବରଂ ଜନ୍ମରୁ ତାକୁ ମାରି ଦେଇଥାନ୍ତେ, କାହିଁକି ଏମିତି ଅଜଣା ଜାଗାକୁ ତାକୁ ଠେଲି ଦେଉଛନ୍ତି।

**(ii) ଜାଇ ନିଜକୁ ନିରେଖ ଜନ କହିଛି କାହିଁକି ?**

ଉ: ଆଗ ବେଳେ ଓଡ଼ିଆ ଘରର ଝିଅଟିଏ ନିଜର ବାହାଘର ବିଷୟରେ ପଦେ କଥା କହିବାର ସ୍ୱାଧୀନତା ପାଉ ନଥିଲା। ତା'ର ଶାଶୁଘର, ବର କୌଣସି ବିଷୟରେ ବି କିଛି ହେଲେ ଧାରଣା ନଥିଲା। ଏପରିକି ବାହା ହୋଇ ଶାଶୁଘରକୁ ଯିବା ପରେ ଜୀବନରେ କେବେ ପୁଣି ବାପ ଘରକୁ ଆସିବକି ନାହିଁ ଜାଣୁ ନଥିଲା। ଏସବୁ କଥା ଭାବି ଭାବି ଜାଇ ନିଜକୁ ନିରେଖ ବା ନିରାଶ୍ରୟ ମନେକରିଛି।

**(iii) ତା'ବର ବିଷୟରେ ସେ କ'ଣ କହିଛି ?**

ଉ : ଜାଇ ତା ବରକୁ ଚିହ୍ନେ ନାହିଁ। କିନ୍ତୁ ଏହି ପରିସ୍ଥିତିକୁ ଅପସନ୍ଦ କରି କହୁଛି ଯେ ଯେଉଁ ପିଲାକୁ ତା'ର ବର ଭାବରେ ବାପା ବାଛିଲେ ତା'ର ରୂପ, ଗୁଣ ଧନ କ'ଣ ଏମିତି ଭଲ ଦେଖିଲେ ଯେ ତା'ର ବାପାମାଆ ଝିଅକୁ ଚିଲିକା ମଝିକୁ ନିଃସହାୟ କରି ପଠାଉଛନ୍ତି। ବିଚାରୀ ଜାଇ ଦୁଃଖରେ ଭୟରେ ବିକଳ ହୋଇ କାନ୍ଦୁଛି।

**(iv) ଶୈଶବରେ ତାକୁ ମାରି ଦେଇଥିଲେ ଭଲ ହୋଇଥାନ୍ତା ବୋଲି ଜାଇ କାହିଁକି କହିଛି ?**

ଉ : ଜାଇ ଭାବୁଛି ବଡ଼ ହୋଇ ଭଲ ମନ୍ଦ ଦୁଃଖ ସୁଖ ସବୁ ବୁଝିପାରିବା ଭଳି ହେଇଗଲା ପରେ ତାକୁ ଏମିତି ଯନ୍ତ୍ରଣା କାହିଁକି ଦେଉଛନ୍ତି ? ବରଂ ଶିଶୁକାଳରୁ ମାରି ଦେଇଥିଲେ ସେ କିଛି ବି ଦୁଃଖ ଜାଣି ନଥାନ୍ତା। ଏବେ ଯୁବତୀ ଜାଇ ଜୀବନ ବିଷୟରେ ଜାଣିବା ବୁଝିବା ପରେ ତା ପ୍ରତି ଏମିତି ନିଷ୍ଠୁରତା ତାକୁ ଯନ୍ତ୍ରଣାଦାୟକ ହେଉଛି।

2. "ଭଲକରି ନାଆ ବୁହାରେ ନାଉରି
ଝିଅକୁ ମାଡୁଛି ଡର
ଗଡେ ଗଡ଼ଲୋକେ ଚାହିଁ ବସିଥିବେ
ଝିଅ ଯିବ ଶାଶୁଘର।"



**(i) ଜାଇର ବାପା ନାଉରିକୁ କ'ଣ ନେହୁରା ହେଉଛି ?**

ଉ : ଜାଇ ବାପ ଘର ଛାଡ଼ି ଶାଶୁ ଘରକୁ ଯାଉଛି। ମଝିରେ ଚିଲିକାର ନୀଳ ଜଳରାଶି ମଧ୍ୟ ଦେଇ ଡଙ୍ଗାରେ ବସି ଶାଶୁଘରକୁ ଯିବାକୁ ପଡ଼ିବ। ପ୍ରଥମଥର ପାଇଁ ଜାଇ ଡଙ୍ଗାରେ ବସିଛି। ଡଙ୍ଗାରେ ବସିବା ଅନୁଭୂତି ଆଗରୁ ନାହିଁ ତା'ର। ତେଣୁ ସେ ଭୟରେ ଆତୁର। ସେଇଥିପାଇଁ ଜାଇର ବାପା ନାଉରିଆକୁ ନେହୁରା ହୋଇ ଖୁବ୍ ହୁସିଆରି ଆଉ ସତର୍କତାର ସହିତ ନାଆ ବାହିବାକୁ କହୁଛି।

**(ii) ଝିଅକୁ କେଉଁମାନେ ଅପେକ୍ଷା କରିଥିବେ ?**

ଉ : ଝିଅ ଜନମ ପରଘରକୁ। ତା' ନାରୀତ୍ୱର ସାର୍ଥକତା ଆସେ ଶାଶୁ ଘରକୁ ଯିବାରେ। ତେଣୁ ସାଧାରଣତଃ ବୋହୂକୁ ଅତି ଆଗ୍ରହର ସହିତ ଅପେକ୍ଷା କରିଥାଆନ୍ତି ଶାଶୁଘରର ଲୋକମାନେ। ତେଣୁ ଶାଶୁ ଘରର ଗଡ଼ରେ ଗଡ଼ଲୋକମାନେ ଅପେକ୍ଷା କରିଥିବେ ବୋଲି ବାପା ନାଉରିଆକୁ କହୁଛି। ଯେତେଶୀଘ୍ର ଚିଲିକା ପାରିହେଲେ ଶାଶୁଘର ଗଡ଼ ଲୋକଙ୍କ ସହିତ ଜାଇର ସାକ୍ଷାତ ହେବ।

**(iii) କେଉଁଠାରୁ ପବନ ବହୁଛି ବୋଲି କବିତାରେ କୁହାଯାଇଛି ?**

ଉ : ନାଉରିଆ ଅତି ସତର୍କତାର ସହିତ ଡଙ୍ଗା ବାହୁଛି ବୋଲି କହିଅଛି। ନାଆର ତଳେଇକି ପବନ ମୁହାଁ କରି ଠିଆ କରିଛି। ମାମୁଁ ଭଣଜା ପାହାଡ଼ କ'ଣରୁ ସୁଲୁସୁଲିଆ ପବନ ବହି ଡଙ୍ଗାକୁ ଧାରକୁ ବାହିନେବାରେ ସାହାଯ୍ୟ କରୁଛି।

**(iv) ଜାଇକୁ ଶାଶୁଘରକୁ ଯିବା ପାଇଁ କେତେ ବାଟ ଯିବାକୁ ପଡ଼ିବ ?**

ଉ : ଜାଇର ବାପା ବ୍ୟସ୍ତତା ଭିତରେ ସନ୍ତୁଳି ହୋଇଛି। ସମୟ ସେତେବେଳକୁ ଦଶ ଘଡ଼ି ହୋଇଗଲାଣି। ଖରାଟା ଚାଇଁ ଚାଇଁ ମାରୁଛି। ଜାଇର ଶାଶୁଘରକୁ ପହଞ୍ଚିବାକୁ ପାଞ୍ଚ କୋଶ ବାଟ ଅତିକ୍ରମ କରିବାକୁ ପଡ଼ିବ। ସୀମିତ ସମୟ ମଧ୍ୟରେ ନିରାପଦରେ ନ ପହଞ୍ଚିଲେ ବିପଦ ମାଡ଼ି ଆସିବାର ଯଥେଷ୍ଟ ସମ୍ଭାବନା ଥିବାର ଅନୁଭବ କରୁଛି ଜାଇର ବାପା।

3. "ଘଣ୍ଟ ଶିଳା ଶିଖେ ଚାହିଁ ସେ କହନ୍ତା
ଦିଅରେ ମେଲାଣି ମୋତେ
ଭେଟ ଆଉଦିନେ ନୋହିବ ଜୀବନେ
ଯାଉଛି ଘୋର ବନସ୍ତେ।"

ଘଣ୍ଟଶିଳାର ଶିଖର ଦେଶକୁ ଦେଖି ଜାଇ କ'ଣ କହୁଛି ?

: ଜାଇ ଅତୀତର ସ୍ମୃତିକୁ ମନେ ପକାଇ ଭାଳି ହେଉଅଛି । ଘଣ୍ଟଶିଳା ପାହାଡ଼ ଜାଇର ବହୁଦିନର ପରିଚିତ ପାହାଡ଼ ଘଣ୍ଟଶିଳାକୁ ସମ୍ବୋଧନ କରି ମେଲାଣି ଦେବାକୁ ନେହୁରା ହୋଇଛି । ବିନମ୍ର ପ୍ରଣତି ଜଣାଉଛି ଘଣ୍ଟଶିଳା ପାଖରେ । ଆଉ ସେ ପୁଣି ଜୀବନରେ ଘଣ୍ଟଶିଳାକୁ ଦେଖିପାରିବକି ନାହିଁ ବୋଲି ନିଜର ସମୀକ୍ଷା କରିଛି । ତେଣୁ ଶାଶୁଘରକୁ ଯିବା ପୂର୍ବରୁ ତାକୁ ମେଲାଣି ଦେବାକୁ ପ୍ରଣିପାତ କରିଛି ।

(ii) ଜାଇ କେଉଁ ନଈ କଥା ମାନେ ପକାଇଛି ?

ଉ : ଜାଇର ସ୍ମୃତିପଟରେ ଭାସି ଉଠିଛି ସାଳିଆ ନଈର କଥା । ସେଇ ସାଳିଆ ନଈରେ ପ୍ରତିଦିନ ଗାଧୁଆପାଧୁଆ କରିଥାଏ । ସେଇ ନଈର ଧାରରେ ବେଳେବେଳେ ପହଁରିଥାଏ । ତା'ର କୂଳରେ ଜାଇ ଅନେକ ସମୟ ବିତରଣ କରିଥାଏ । ତା'ରି କୂଳରେ ସ୍ନାନ ସାରି ଜାଇ ଘରକୁ ଫେରିଥାଏ ବୋଲି ସ୍ମରଣ କରିଛି ନାଆର କୋଣରେ ବସି । ହେଲେ ଆଜି ଶାଶୁଘରକୁ ଆସିବା ଦିନ ସାଳିଆ ନଈ ସହିତ ତା'ର ଦେଖା ହୋଇନାହିଁ । କାରଣ କାଳିଅନ୍ଧାରରୁ ସେ ଯାତ୍ରା କରିଛି । ସାଳିଆ ନଈର ଖୁବ୍ ଖ୍ୟାତି, ଖୁବ୍ ଯଶ । ତିନି କୋଡ଼ି କୋଶରୁ ଲୋକେ ସାଳିଆ ନଈକୁ ଜାଣନ୍ତି ବୋଲି ମନେ ପକାଇଛି ।

(iii) ଜାଇ ଭଗବତୀ ପାଠ ସମ୍ପର୍କରେ କ'ଣ କହିଅଛି ?

ଉ : ସାଳିଆ ନଈ କୂଳରେ ଭଗବତୀ ଠାକୁରାଣୀଙ୍କ ପୀଠ କେଉଁ କାଳରୁ ରହିଆସିଅଛି । ସେ ଠାକୁରାଣୀ ଜଗତ ତାରିଣୀ ବୋଲି ଖୁବ୍ ଖ୍ୟାତି ତା'ର । ଦୀନ, ଦୁଃଖୀରଙ୍କିଙ୍କର ସେ ସାହା ଭରସା । ଅନ୍ତତଃ ପକ୍ଷେ ଶାଶୁ ଘରକୁ ଗଲାଦିନ ସେହି ଭଗବତୀ ଠାକୁରାଣୀଙ୍କ ପାଖରେ ସବୁଦିନ ପାଇଁ ସାହା ଭରସା ହେବାକୁ ଭକ୍ତି ନୈବେଦ୍ୟ ସିକ୍ତ ପ୍ରାର୍ଥନା କରିଥାନ୍ତା । ସେତକ ଜାଇ କରିପାରିନାହିଁ ବୋଲି ଅତି ଦୁଃଖ ପ୍ରକାଶ କରିଛି ।

(iv) କିଏ ଲୁଚିଗଲା ବୋଲି ଜାଇ ଦୁଃଖ ପ୍ରକାଶ କରିଛି ?

ଉ : ନାଆ ଗତି କରିଚାଲିଛି ସମତାଳରେ ଜାଇର ଚିନ୍ତା ଶୀଳତାର ଗତିରେ । ଦଣ୍ଡକ ମାତ୍ରକେ ନାଆ ଆସି ଚଢ଼େଇହଗା ପାହାଡ଼ ତଳେ ପହଞ୍ଚିଯାଇଛି, ଯେଉଁଠୁ ଘଣ୍ଟଶିଳା ଆଉ ଦେଖାଯାଉ ନାହିଁ । ଘଣ୍ଟଶିଳା ପାହାଡ଼ ଆଉ ସାଳିଆ ନଈ ବହୁ ଦୂରରେ ରହିଗଲାଣି ବୋଲି ଜାଇ ମନ ଦୁଃଖ କରିଛି ।

## ମହିମା

(ଗଙ୍ଗାଧର ମେହେର)

1. ଉଚ୍ଚେ ଥାଇ ମଧ୍ୟ ନମ୍ର ହୋଇଥାନ୍ତି



ସତତ ମହତଜନ
ରବିଶଶୀ, ତାରା କେଡ଼େ ଉର୍ଦ୍ଧ୍ବେ ସ୍ଥିତ
ସମସ୍ତେ ନତବଦନ ।

(କ) ଉଚ୍ଚ ଆସନରେ ଥାଇ ମହତ ବ୍ୟକ୍ତି କିପରି ବ୍ୟବହାର ଦେଖାନ୍ତି ?

ଉ : ଉଚ୍ଚ ଆସନରେ ଥାଇ ମହତ ବ୍ୟକ୍ତି ସର୍ବଦା ନିଜର ନମ୍ରତା ଗୁଣ ପ୍ରକାଶ କରିଥାଏ । ଯେତେ ଉଚ୍ଚ ପଦବୀରେ ରହିଲେ ମଧ୍ୟ ନମ୍ରତା ସେମାନଙ୍କର ଭୂଷଣ । ନମ୍ର ବ୍ୟବହାର କରି ସମସ୍ତଙ୍କଠାରୁ ଶ୍ରଦ୍ଧା ଓ ସମ୍ମାନ ପାଇଥାନ୍ତି ।

(ଖ) ମହିମା କବିତାରେ କେଉଁ ବିଷୟକୁ ପ୍ରତିଫଳନ କରିବାକୁ କବି ଚେଷ୍ଟା କରିଛନ୍ତି ?

ଉ : "ମହିମା କବିତାରେ କବି ପ୍ରକୃତି ମାଧ୍ୟମରେ ମହତଲୋକର ଚରିତ୍ରକୁ ପ୍ରତିଫଳନ କରିବାକୁ ଚେଷ୍ଟା କରିଛନ୍ତି, ମହତ ବ୍ୟକ୍ତି କେତେ ବିପଦ ପରୀକ୍ଷା ଆସିଲେ ବି ଧୈର୍ଯ୍ୟ ଓ ସହନଶୀଳତା ଦ୍ୱାରା ସବୁର ସମ୍ମୁଖୀନ କରିଥାଏ, ପ୍ରକୃତିର ବିଭିନ୍ନ ବିଷୟକୁ ସେ ମହତ୍ ବ୍ୟକ୍ତିର ଉତ୍ତମ ଗୁଣ ସହ ତୁଳନା କରିଛନ୍ତି ।

(ଗ) କେଉଁମାନେ ଉଚ୍ଚରେ ଥିଲେ ମଧ୍ୟ ସେମାନଙ୍କ ମୁଖ ତଳକୁ ଥାଏ ? ଏଥିରୁ ଆମେ କ'ଣ ଶିଖିଥାଉ ?

ଉ : ରବି, ଶଶୀ, ତାରା ଆମଠାରୁ ବହୁତ ଉଚ୍ଚରେ ଥିଲେ ମଧ୍ୟ ସେମାନେ ନତ ମସ୍ତକ ହୋଇ ପୃଥିବୀକୁ ଅନାଇ ରହିଥାନ୍ତି । ସେମାନଙ୍କଠାରୁ ଆମେ ନମ୍ରତା ପରି ଏକ ସୁନ୍ଦର ଗୁଣ ଶିଖିଥାଏ, ଯେଉଁ ଗୁଣ ମଣିଷ ପାଖରେ ଥିଲେ ତାହା ତାକୁ ମହାନ ବ୍ୟକ୍ତି ହେବାରେ ସାହାଯ୍ୟ କରିଥାଏ ।

(ଘ) କେଉଁ କାର୍ଯ୍ୟ କଲେ ନୀଚତାର ପରିଚୟ ମିଳିଥାଏ ? ସେହିପରି କାର୍ଯ୍ୟକଲେ କି ଫଳ ମିଳିଥାଏ ?

ଉ : ମହତ ବ୍ୟକ୍ତିର ଚରିତର୍ଥରେ ମିଥ୍ୟା ଦୋଷାରୋପ କଲେ କୌଣସି ଫଳ ମିଳି ନଥାଏ, କେବଳ ନିଜର ନୀଚତାର ପରିଚୟ ମିଳିଥାଏ । ସେହିପରି ନୀଚତାର କାର୍ଯ୍ୟକଲେ କୌଣସି ମହତକାର୍ଯ୍ୟ ହାସଲ ହୁଏ ନାହିଁ ବରଂ ମହିମାର ବୃଥା ବ୍ୟୟ ଅର୍ଥାତ୍ ମହିମାର ହ୍ରାସ ହୋଇଥାଏ ।

2. "ପରେ ଅପକୃତ ହେଲେହେଁ ମହତ
କରୁଥା'ନ୍ତି ଉପକାର,
ଘନ ଗ୍ରାସେ ରବି ରବି ଜରା କୃଷ୍ଣ
ବାଷ୍ପରେ ଘନ ସଞ୍ଚାର ।"

(i) ମହତଜନମାନେ ସାଧାରଣତଃ କିପରି ବ୍ୟବହାର ଦେଖାଇଥା'ନ୍ତି ?

ଉ : ମହତଜନମାନେ ସାଧାରଣତଃ ସର୍ବଦା ଉଚ୍ଚରେ ରହିଥାନ୍ତି ହେଲେ ସେମାନେ କେବେ ଆତ୍ମବଡ଼ିମା

ଦେଖାଇ ନଥାନ୍ତି । ଗୁଣୀ ଓ ମହତ୍ ଲୋକମାନେ ସ୍ୱଭାବରେ ନମ୍ର ଓ ଅବନତମୁଖୀ । ସେମାନେ ସାଧାରଣତଃ ନମ୍ର, ଶାନ୍ତ ଆଉ ନମ୍ର ସ୍ୱଭାବରେ ଠିକ୍ ଯେପରି ସୂର୍ଯ୍ୟ, ଚନ୍ଦ୍ର ଓ ତାରାମାନେ ଏତେ ଉଚ୍ଚରେ ରହି ଅବନତ ମୁଖୀ ହୋଇ ପୃଥିବୀବାସୀ ତଥା ଉଦ୍ଭିଦ ଜଗତର ଉପକାର ସାଧନ କରିଥାନ୍ତି । ସେମାନେ ଅବନତ ମୁଖୀ ନହେଲେ ଜୀବଜଗତ ଜୀବନ ଧାରଣ କରିବା ଅସମ୍ଭବ ହୋଇପଡ଼ନ୍ତି । ସୁତରାଂ କବି ମଣିଷ ସମାଜକୁ ନତବଦନ ହେବାକୁ ଦେଇଅଛନ୍ତି ।

**(ii)** ମହତଜନମାନେ ପରକୁ ସାହାଯ୍ୟ କରିବାରେ କ'ଣ ହୋଇଥା'ନ୍ତି ?

ଉ : ବାସ୍ତବରେ ମହତ ଲୋକମାନେ ପରର ଉପକାର କରିବାକୁ ଯାଇ ବିପଦ ସାଗରରେ ବୁଡ଼ିଥା'ନ୍ତି । ନିଜେ କଷ୍ଟରେ ରହି ଅନ୍ୟର ଉପକାର କରିଥା'ନ୍ତି । ନିଜେ ଦୁଃଖରେ ରହି ଦୁଃଖୀଜନମାନଙ୍କୁ ସାହାଯ୍ୟ କରିଥାନ୍ତି । ନିଜେ ବିପନ୍ନ ହୋଇ ଅନ୍ୟକୁ ଆନନ୍ଦ ଦେଇଥାନ୍ତି । ନିଜେ ଉପବାସ ରହି ଅନ୍ୟକୁ ଅନ୍ନଦାନ କରିଥାନ୍ତି । ଠିକ୍ ଯେପରି ପଥିକ, ତୃଷା ନିବାରଣ ପାନ୍ଥଶାଳାର ସାହାଯ୍ୟ ନେଇଥାନ୍ତି । ପଥିକ ପାନ୍ଥଶାଳାରେ ରହି ପଥ କଷ୍ଟ ତଥା ଯାତ୍ରା ଦୁଃଖକୁ ଅପମୋହନ କରିଥାଏ । ଆହୁରି ମଧ୍ୟ ମରୁଯାତ୍ରୀମାନେ ବୃକ୍ଷ ଛାଇରେ ବସି ଦୁଃଖ କଷ୍ଟକୁ ଲାଘବ କରିଥାନ୍ତି । ମହତଜନମାନେ ଅପକୃତ ହେଲାବେଳେ ଦୁଃଖିଜନମାନେ ଉପକୃତ ହୋଇଥାନ୍ତି ।

**(iii)** ଦରିଦ୍ର ଲୋକମାନଙ୍କର ଉନ୍ନତି ଦେଖିଲେ ମହତଜନମାନେ କ'ଣ ଅନୁଭବ କରିଥାନ୍ତି ?

ଉ : ମହତଜନମାନେ ସାଧାରଣତଃ ସ୍ୱଭାବରେ ଉଦାର ଆଉ ଆଦ୍ର ଚରିତ୍ରର । ତେଣୁ ଦରିଦ୍ର ଲୋକମାନଙ୍କର ଉନ୍ନତିରେ ସେମାନେ ଈର୍ଷାପରାୟଣ ନହୋଇ ଆନନ୍ଦ ଲାଭ କରିଥାନ୍ତି । ସେମାନେ ସନ୍ତୋଷ ଲାଭ କରନ୍ତି ଅନ୍ୟର ବୃଦ୍ଧରେ । ଏଥିସହିତ କବି ଏକ ତୁଳନାତ୍ମକ ବିବରଣୀ ପ୍ରଦାନ କରିଅଛନ୍ତି । ଦିବସର ବୃଦ୍ଧିରେ, ସୂର୍ଯ୍ୟଙ୍କର ପ୍ରିୟା କମଳିନୀ ଯେପରି ବିକାଶ ଲାଭ କରିଥାଏ ଠିକ୍ ସେହିପରି ଅନ୍ୟର ଉନ୍ନତିରେ ମହତଜନ ବା ସାଧୁଜନମାନେ ଈର୍ଷାପରାୟଣ ନହୋଇ ସ୍ୱତଃ ପ୍ରବୃତ୍ତ ଭାବରେ ଉତ୍‌ଫୁଲ୍ଲିତ ତଥା ଆନନ୍ଦ ଲାଭ କରିଥା'ନ୍ତି ।

**(iv)** ଜଗତର ହିତ ସାଧନ ପାଇଁ ମହତ ଲୋକ କ'ଣ କରିପାରନ୍ତି ?

ଉ : ଜଗତର ହିତ ଲାଗି ମହତଜନମାନେ ଜୀବନ ଦାନ କରିପାରନ୍ତି । ଜୀବନ ଉତ୍ସର୍ଗ କରିବା ମହତଜନମାନଙ୍କର ବାସ୍ତବ ଚିନ୍ତାଧାରା ହୋଇଥାଏ । ସେ ଜଗତର ମଙ୍ଗଳ କାମନା କରିଥାନ୍ତି ସର୍ବଦା । ଜଗତର ହିତ ଲାଗି ସବୁକିଛି ତୁଚ୍ଛ କରିପାରନ୍ତି, ଏପରିକି ଜୀବନ ଦେବାକୁ ବାଜି ଲଗାଇଥାନ୍ତି, ଠିକ୍ ଯେପରି ଚନ୍ଦ୍ରମା ନିଜର ଶରୀରକୁ ଅପଘନ କରି ପୃଥିବୀପୃଷ୍ଠକୁ କିରଣ ବିତରଣ କରିଥାଏ, ପୃଥିବୀ ପୃଷ୍ଠକୁ ଶୀତଳ କିରଣ ବିଚ୍ଛୁରିତ କରିଥାଏ । ପୃଥିବୀ ପୃଷ୍ଠକୁ ଶାନ୍ତି ଆଉ ସ୍ନିଗ୍ଧ କିରଣରେ ଉଜ୍ଜ୍ୱଳମୟ କରିବାରେ ସାହାଯ୍ୟ କରିଥାଏ ।



**3.** ବିପଦ ସାଗରେ ବୁଡ଼ନ୍ତି ମହତ
ବିପନ୍ନ ସାହାଯ୍ୟ ପାଇଁ
ତୃଷାତୁର ପାନ୍ଥ ତୃଷା ନାଶେ ପାନ୍ଥ
ତରୁ ମରୁଭୂମେ ଥାଇ ।

(କ) କବି ମହତ ଜନକୁ କି ଭଳି ବର୍ଣ୍ଣନା କରିଛନ୍ତି ? (୨)

(ଖ) କବିତାଟିର ନାମ କାହିଁକି "ମହିମା ରଖାଯାଇଛି ? (୨)

(ଗ) ପାନ୍ଥତରୁ କ'ଣ ? ଏହା ତୃଷାର୍ତ୍ତ ପଥିକର ତୃଶା ଦୂର କରେ କିପରି ? (୩)

(ଘ) ପାନ୍ଥତରୁ ମହତ୍ ବ୍ୟକ୍ତି ସହିତ କିପରି ତୁଳନା କରାଯାଇଛି ? (୩)

**ଉତ୍ତର**

(କ) କବି "ମହିମା'' କବିତାରେ ମହତଜନମାନଙ୍କ ଆଦର୍ଶ ତଥା ମହନୀୟ ଗୁଣାବଳୀର ବର୍ଣ୍ଣନା କରିଛନ୍ତି । ପ୍ରକୃତିର ଶ୍ରେଷ୍ଠ ସାଧକ ଗଙ୍ଗାଧର ମେହେର ଏହି କବିତାରେ ମହତ ବ୍ୟକ୍ତିମାନଙ୍କର ମହାନ ମହତ୍ କର୍ମର ପ୍ରଶଂସା କରିଛନ୍ତି । ମହତ ଲୋକ ସ୍ୱଭାବରେ ଯେପରି ନମ୍ର କର୍ତ୍ତବ୍ୟରେ ସେ ପରି ଅଟଳ । ପର ପାଇଁ ମହତ୍ ବ୍ୟକ୍ତି ନିଜ ଜୀବନକୁ ଯେ ଉତ୍ସର୍ଗ କରି ଥାଏ ଏହା କବିତାରୁ ଜଣାଯାଏ । ମହତ ଜନ ଯେ ନମ୍ର, ପରୋପକାରୀ, ସହିଷ୍ଣୁ, କର୍ତ୍ତବ୍ୟନିଷ୍ଠ ଏହା କବି କବିତାରେ ବର୍ଣ୍ଣନା କରିଛନ୍ତି ।

(ଖ) କବିତାଟିର ନାମ "ମହିମା" ରଖାଯାଇଛି କାରଣ ପ୍ରକୃତିରୁ ସୂର୍ଯ୍ୟ, ପୃଥିବୀ, ହିମାଳୟ ଚନ୍ଦ୍ର, ତାରା, ମେଘ, ମରୁଭୂମିର ପାନ୍ଥତରୁ, ପଦ୍ମ, ଚନ୍ଦ୍ରଦୀପ, ସିଂହ, ବାଲିରେଣୁ, ମୁକ୍ତା, ତୁଳସୀ ଇତ୍ୟାଦିର ମହାନ ଗୁଣକୁ ବ୍ୟାଖ୍ୟା କରିଛନ୍ତି । ମହିମା ଅର୍ଥାତ୍ ମ ହାତ ବା ଗୌରବ । ପ୍ରତ୍ୟେକ ମହତ ହେବା ପାଇଁ ଇଚ୍ଛା କରିଥାଏ । ଦୃଢ଼ ପ୍ରୟାସରେ ଇଚ୍ଛା ପୂରଣ ହୁଏ । ଏହି ସମସ୍ତ ଉଦାହରଣ ମାଧ୍ୟମରେ କବି ପ୍ରମାଣିତ କରି ଦେଇଛନ୍ତି ଯେ, କର୍ମ ହିଁ ମନୁଷ୍ୟକୁ ମହତ୍ କରିଥାଏ । ସମସ୍ତ ଉଦାହରଣ ମହିମା ସଂପର୍କରେ ବର୍ଣ୍ଣନା କରି କବି ଉଚ୍ଚ ମୂଲ୍ୟବୋଧର ସୂଚନା ଦେଇଛନ୍ତି, ତେଣୁ ଯଥାର୍ଥରେ ମହିମା ନାମଟି ବେଶ୍ ସୁନ୍ଦର, ସାର୍ଥକ ହୋଇପାରିଛି ।

(ଗ) ପାନ୍ଥତରୁ ମାରୁଭୂମିର ଏକ ଗଛ । ଏହା କଦଳୀ ଗଛ ପରି ଅଟେ । ମରୁଭୂମି ବୃଷ୍ଟିହୀନ । ପାଣି ଟୋପାଏ ମିଳିବା ଭାରି କଷ୍ଟ । ପାନ୍ଥତରୁ ନିଜର ଚେର ସାହାଯ୍ୟରେ ଗଭୀର ବାଲି ସ୍ତରରୁ ବହୁ କଷ୍ଟରେ ଜଳ ସଂଗ୍ରହ କରିଥାଏ ସେହି ଜଳ ହିଁ ତୃଷାର୍ତ୍ତ ପଥିକର ତୃଷାକୁ ଦୂର କରିଥାଏ । ପାନ୍ଥତରୁ ଯଦି ଜଳ ସଂଗ୍ରହ କରି ରଖି ନଥାଆନ୍ତା ତେବେ ତୃଷାର୍ତ୍ତ ପଥିକ ନିଜ ତୃଷା ଦୂର କରି ପାରି ନଥାନ୍ତା । ଗଛର ଗଣ୍ଡି ବାଉଁଶ ଭଳି ପୋଲା ଥାଏ; ସେଥିରେ ମଧୁର ଜଳ ରହିଥାଏ ।

ମହତ୍ ବ୍ୟକ୍ତି ସର୍ବଦା ପରୋପକାର କରିଥାଏ। ନିଃସ୍ୱାର୍ଥ ପର ଭାବେ ଅନ୍ୟର ଉପକାର, ସେବା କରିବା ମହତ୍ ବ୍ୟକ୍ତିର କର୍ତ୍ତବ୍ୟ। ନିଜେ ବିପଦରେ ପଡ଼ି ମଧ୍ୟ ସେ ବିପନ୍ନକୁ ଉଦ୍ଧାର କରିଥାଏ। କବି ପାନ୍ଥ ତରୁକୁ ମହତ୍ ବ୍ୟକ୍ତି ସହିତ ତୁଳନା କରିଛନ୍ତି କାରଣ ପାନ୍ଥତରୁ ବହୁ କଷ୍ଟରେ ମରୁଭୂମିରେ ଗଭୀର ବାଲି ସ୍ତରରୁ ନିଜ ଚେର ସାହାଯ୍ୟରେ ଜଳ ସଂଗ୍ରହ କରିଥାଏ। ସେ ସବୁ ଜଳ ନିଜ କାମରେ ନ ଲଗାଇ ସାଇତି ରଖେ। ପ୍ରଚଣ୍ଡ ସୂର୍ଯ୍ୟ ତାପରେ ପଥିକ ଯେତେବେଳେ ତୃଷାର୍ତ୍ତ ହୋଇ ପଡ଼େ ସେତେବେଳେ ଏଇ ପାନ୍ଥତ ରୁର ଜଳ ତା'ର ତୃଷା ହରଣ କରେ। ଜଳ ଦାନ କରି ପାନ୍ଥତରୁ ମହାନ କାର୍ଯ୍ୟ କରୁଥିବାରୁ ତାକୁ ମହତ ବ୍ୟକ୍ତି ସହିତ ତୁଳନା କରାଯାଏ।

4. ବିପଦେ ସମୟେ ମହତ ଜନର
ଧଇର୍ଯ୍ୟ ନହୁଏ ଭଙ୍ଗ
ଦାହେ ପ୍ରହାରଣେ ଶୁଦ୍ଧ ଜମ୍ବୁନଦ
ଯେ ରଙ୍ଗକୁ ସେହି ରଙ୍ଗ

**(କ) ଶୁଦ୍ଧ ଜମ୍ବୁନଦ କହିଲେ କ'ଣ ବୁଝ ? ତା'ର ଶୁଦ୍ଧତାର ପରିଚୟ ଦିଅ ?**

ଉ : ଶୁଦ୍ଧ ଜମ୍ବୁନଦ କହିଲେ ଶୁଦ୍ଧସୁନା, ସୁନାକୁ ଆହୁରି ନିଆଁରେ ପୋଡ଼ି ଆଉଟିଲେ ସୁନାର ରଙ୍ଗ ଓ ଗୁଣର ପରିବର୍ତ୍ତନ ହୁଏ ନାହିଁ। ବରଂ ଶୁଦ୍ଧତାର ପରିଚୟ ମିଳେ।

**(ଖ) ସୁନାକୁ ନିଆଁରେ ପକାଇଲେ ଓ ପ୍ରହାରଣ ରୁ ଆମେ ବ୍ୟକ୍ତିର କେଉଁ ଗୁଣକୁ ବୁଝ ?**

ଉ : ବ୍ୟକ୍ତିର ଧୈର୍ଯ୍ୟଗୁଣ ସହ ସୁନାକୁ ନିଆଁରେ ପକାଇ ଶୁଦ୍ଧତା କରିବାର ବିଷୟ ତୁଳନା କରାଯାଇଛି। ବିପଦ ସମୟରେ ମନୁଷ୍ୟ ଧୌର୍ଯ୍ୟର ସହ ବିପଦର ମୁକାବିଲା କରିଥାଏ।

**(ଗ) ମହତ ବ୍ୟକ୍ତିଙ୍କ ଠାରେ ଥିବା ଚାରୋ ଟି ମହତ୍ ଗୁଣ ଲେଖ ?**

ଉ : ପରଉପକାର ମହତବ୍ୟକ୍ତିର ଜୀବନର ବ୍ରତ ଥାଏ, ନମ୍ରତା ମହତ ବ୍ୟକ୍ତିର ଏକ ସୁନ୍ଦର ଗୁଣ, ନିଜେ ବିପଦରେ ଥାଇ ମଧ୍ୟ ମହତ ବ୍ୟକ୍ତି ବିପନ୍ନରେ ପଡ଼ିଥିବା ଲୋକଙ୍କୁ ସାହାଯ୍ୟ କରିଥାଏ। ସୁଖ ଦୁଃଖ ଉଭୟ ପରିସ୍ଥିତିରେ ସେ ସ୍ଥିର ରୁହେ। ମହତ ବ୍ୟକ୍ତି ଧୌର୍ଯ୍ୟବାନ ଥାଏ। ଖରାପ ପରିବେଶରେ ରହି ମଧ୍ୟ ମହତବ୍ୟକ୍ତିର ଗୁଣର ପରିବର୍ତ୍ତନ ଘଟେ ନାହିଁ।

**(ଘ) କବିତାରେ କବି କେଉଁ ବିଷୟକୁ ପ୍ରତିଫଳିତ କରିବାକୁ ଚେଷ୍ଟା କରିଛନ୍ତି ?**

ଉ : ମହିମା କବିତାରେ କବି ପ୍ରକୃତି ମାଧ୍ୟମରେ ମହତ୍ ଲୋକମାନଙ୍କର ମହାନ ଗୁଣ, ଚରିତ୍ର ଓ ସ୍ୱଭାବଗୁଡ଼ିକ ପ୍ରତିଫଳନ କରିବା ପାଇଁ ବିଭିନ୍ନ ଦୃଷ୍ଟାନ୍ତ ମାଧ୍ୟମରେ ଚେଷ୍ଟା କରିଛନ୍ତି।



## ବନଫୁଲ ଉଦ୍ୟାନ

1. ଏ ତ ବନଫୁଲ ଚିର ଅନାଦରେ
ଫୁଟିଛି କଣ୍ଟକ ବେଢ଼ାରେ
ଆନ ଗୋଟିକ ତ ଉଦ୍ୟାନ କୁସୁମ
ବଢ଼ିଛି କେତେ ସେ ଶ୍ରଦ୍ଧାରେ

(କ) ବନଫୁଲ କିଏ କାହିଁକି ଆଦର କରେ ନାହିଁ?

(ଖ) କଣ୍ଟକ ବେଢ଼ା କାହିଁକି ଥାଏ?

(ଗ) ଉଦ୍ୟାନ ଫୁଲ ଅଧିକ ଶ୍ରଦ୍ଧା ପାଇବାର କାରଣ କ'ଣ?

(ଘ) କବି କେଉଁ କଥାକୁ ବିଦ୍ରୁପ କରିଛନ୍ତି?

**Extract - 1**

(କ) ବଣରେ ଫୁଟିଥିବା ଫୁଲ ଚିରଦିନ ଅନାଦରରେ ବଢ଼େ। ବଣରେ ଫୁଟିଥିବାରୁ ସାଧାରଣତଃ ଲୋକଙ୍କ ଦୃଷ୍ଟିରେ ଆସିନଥାଏ। ତେଣୁ ସୁନ୍ଦର ସୁବାସିତ ଫୁଲଟି ଫୁଟିକରି ଝଡ଼ି ଯାଇଥାଏ ସିନା କାହାରି ଆଦର ପାଇବା ଭଳି ସୁଯୋଗ ତାକୁ ମିଳେନାହିଁ।

(ଖ) ପ୍ରକୃତି ସମସ୍ତଙ୍କର ମା'। ତେଣୁ ଛୋଟ ବଡ଼ ସମସ୍ତଙ୍କର ଯତ୍ନ ନିଏ। ଫୁଲର ସୂକ୍ଷ୍ମ କୋମଳ ଦେହକୁ ଶତ୍ରୁଠାରୁ ରକ୍ଷା କରିବା ପାଇଁ ପ୍ରକୃତି ତାକୁ କଣ୍ଟା ଡାଳରେ ଘୋଡ଼ାଇ ଦିଏ। ସେଥିପାଇଁ ବଣରେ କଣ୍ଟକ ବେଢ଼ା ଥାଏ।

(ଗ) ବଗିଚାଟି ମାଳିର ଯତ୍ନରେ ତିଆରି, ମାଳି କେତେ ଯତ୍ନରେ ଚାରାଗଛ ଲଗାଏ; ନିୟମିତ ପାଣି ଦିଏ। ଗଛଟି ତାରି ହାତର ସ୍ନେହସ୍ପର୍ଶ ପାଇ ବଢ଼େ, କଢ଼ଟିଏ ହେବାଦିନୁ ଫୁଲ ଫୁଟିବାଯାଏ କେତେ ଶ୍ରଦ୍ଧା ପାଉଥାଏ। କେବଳ ମାଳି ନୁହେଁ ବଗିଚାର ମାଲିକ ପରିବାର ସେବାଟେ ଯିବାଆସିବା ଲୋକେ ସମସ୍ତଙ୍କର ନଜର ପଡ଼ିଥାଏ ବଗିଚାର ଫୁଲ ଉପରେ । ଫୁଲର ରୂପ ସମସ୍ତଙ୍କୁ ଆମ୍ବହାର କରେ।

(ଘ) ଫୁଲ ତ ଫୁଲ, ରୂପ ଗୁଣ, ସବୁ ସମାନ। କିନ୍ତୁ ଗୋଟିଏ ବଣରେ ଫୁଟିଛି ବୋଲି ତାକୁ କେହି ଦେଖୁନାହାନ୍ତି କି ପଚାରୁ ନାହାନ୍ତି। କିନ୍ତୁ ବଗିଚାର ଫୁଲ ଏକାଭଳି ହେଲେ ବି ଅନେକ ଲୋକଙ୍କ ଦୃଷ୍ଟିରେ ପଡୁଥିବାରୁ କେତେ ଆଦର ପ୍ରଶଂସା ପାଏ। କବି ଏହି କଥାକୁ ବ୍ୟଙ୍ଗକରି କହିଛନ୍ତି ଯେ ରୂପ, ଗୁଣ ନୁହେଁ ଯେ, ଯେତେ ଲୋକଙ୍କ ଦୃଷ୍ଟିରେ ପଡ଼ିପାରିଲା ତା'ର ଆଦର ବେଶି। ହୁଏତ ଏବେ ବିଜ୍ଞାପନର ଯୁଗ।

"ଲୋକ ଆଖି ସିନା  ଦେଖି ନପାରିଲା
ନବୁଝିଲା ଗୁଣ ତାହାର
ଅଳିତ ଚିହ୍ନିଲା  ଫୁଲ ଯୁଗଳକୁ
କେତେ ରୂପ ଗୁଣ କାହାର।"

(i) ବନଫୁଲକୁ କାହିଁକି ମଣିଷ ସମାଜ ବୁଝିପାରୁ ନାହିଁ ?

ଉ : ଅରଣ୍ୟର ଫୁଲ ସର୍ବଦା ଅବହେଳିତ। ବଣରେ ଫୁଟି ବଣରେ ଝଡ଼ିବା ହିଁ ତା'ର ଧର୍ମ। କେହି ତାକୁ ଅଗ୍ରାଧିକାର ଦେଇନଥାନ୍ତି। ବଣ ମଲ୍ଲୀର ବାସ୍ନା ହିଁ ଅରଣ୍ୟ ପ୍ରଦେଶର ଅବହେଳିତ ପରିଧି ମଧ୍ୟରେ ସୃଷ୍ଟି ହୋଇ ଝାଡ଼ିବା ହିଁ ତା' ପାଖରେ ଶ୍ରେଷ୍ଠ ହୋଇଥାଏ। ଠାକୁରଙ୍କ ପୂଜାରେ, ଅବଳାର ଗଭୀରେ, ଶବଧାରରେ, ମଧୁଶଯ୍ୟାର ଶେଯରେ ତାହା ଶୋଭାପାଏନି। ଅରଣ୍ୟର ସୁମନ ସେ ଅଧିକାରରୁ ବଞ୍ଚିତ ହୋଇଥାଏ।

(ii) ଅରଣ୍ୟର ସୁମନକୁ କିଏ ବୁଝିପାରିଛି ?

ଉ : ସୁମନର ଧର୍ମ, ମଧୁପକୁ ଆମନ୍ତ୍ରଣ କରିବା। ସେ ସ୍ଥଳ, ସ୍ଥାନ ନିର୍ବିଶେଷରରେ ମହୁମାଛିକୁ ନିମନ୍ତ୍ରଣ କରେ। ସେ ଯେଉଁଠି ଫୁଟିଥାଉ ମହୁମାଛି କେବେ ଅବହେଳିତ ଦୃଷ୍ଟିରେ ଦେଖେ ନାହିଁ ତାକୁ। ସେ ରସସିକ୍ତ ଫୁଲକୁ ଖୋଜି ବାହାର କରିବା । ଏ ଫୁଲରୁ ସେ ଫୁଲକୁ ଡେଇଁ ମଧୁପ ରସ ଆହରଣ କରିବ। ଉଦ୍ୟାନର ଫୁଲ ଯେତିକି ମାତ୍ରାରେ ମହୁମାଛିର ଅନ୍ତରଙ୍ଗ,ଅରଣ୍ୟର ସୁମନ ମଧ୍ୟ ସେତିକି ମାତ୍ରାରେ ନିଜର। ତେଣୁ ମାଳି ନବୁଝିଲେ ମଧ୍ୟ ଅଳି ବୁଝିପାରିଛି ଫୁଲର ଗୁଣକୁ ଆଉ ତାରିଫ୍ କରିଛି ତା'ର ବାସ୍ନାକୁ।

(iii) ବନଫୁଲର ଅତି ଅନ୍ତରଙ୍ଗ କିଏ ?

ଉ : ବନଫୁଲର ଅତି ଅନ୍ତରଙ୍ଗ ତା'ର ଅତିପ୍ରିୟ ମଧୁପ। ବନ୍ଧ, ବାଡ଼, କଣ୍ଟାଝଣ୍ଟା ନମାନି ତା' ଆଡ଼କୁ ଉଡ଼ିବୁଲେ। ସେ ଘଞ୍ଚ ଅରଣ୍ୟ ମଧ୍ୟରେ ଥିଲେ ମଧ୍ୟ ତା' ପ୍ରତି ଅତି ମାତ୍ରାରେ ଆସକ୍ତି ହୋଇଥାଏ ମଧୁପ। ବନଫୁଲ ମଣିଷ ସମାଜର ଆଢୁଆଳରେ ରହିଥାଏ। ହେଲେ ମହୁମାଛିର ତୀକ୍ଷ୍ଣ ଦୃଷ୍ଟି ମଧ୍ୟରେ ଥାଏ ସେ। ତେଣୁ ନାରୀ କୁନ୍ତଳା କୁମାରୀ ସାବତ ବଣରେ ଫୁଟିଥିବା ଫୁଲ ଓ ବଗିଚାରେ ଫୁଟିଥିବା ଫୁଲର ଏକ ମାର୍ମିକ ତୁଳନା କରିଛନ୍ତି କବିତାରେ।

(iv) 'ବନଫୁଲ ଉଦ୍ୟାନ କୁସୁମ' କେଉଁ ବାକ୍ୟ ସଂକଳନରୁ ଗୃହୀତ ହୋଇଅଛି ?

ଉ : ନାରୀ କବି କୁନ୍ତଳା କୁମାରୀ ସାବତଙ୍କର ଯଦିଓ ବୃତ୍ତି ଥିଲା ଡାକ୍ତରୀ ବିଦ୍ୟା, ତାଙ୍କର ନିଶା ଥିଲା



ସାରସ୍ୱତ ସାଧନ। ସ୍ୱଳ୍ପ ଜୀବନକାଳ ମଧ୍ୟରେ ସାରସ୍ୱତ ସୃଷ୍ଟିରେ କୋଣାର୍କ ନିର୍ମାଣ କରିଯାଇଅଛନ୍ତି। ମାତ୍ର ଅଠତିରିଶ ବର୍ଷର ଜୀବନକାଳ ମଧ୍ୟରେ ତାଙ୍କ ଅମୀୟ ଲେଖନୀ ନିସୃତ ଅଞ୍ଜଳି, ଅର୍ଚ୍ଚନା, ଉଲ୍ଲାସ, ସ୍ଫୁଲିଙ୍ଗ, ଆହ୍ୱାନ, ପ୍ରେମ ଚିନ୍ତାମଣି ପରି ଅମୂଲ୍ୟ କବିତା ସଂକଳନ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି। 'ବନଫୁଲ ଉଦ୍ୟାନ କୁସୁମ' କବିତାଟି 'ଅର୍ଚ୍ଚନା' କବିତା ସଂକଳନରୁ ଗୃହୀତ।

(iii) ବନଫୁଲ ଉଦ୍ୟାନ କୁସୁମ - କୁନ୍ତଳା କୁମାରୀର ସାବତ

**ସାନ ଘରାକାଳୁ ଅତିଯତନରେ ମାଳିର ସଞ୍ଚିଲା ସଲିଳେ ବଢ଼ିଲାଗଛଟି ଆନନ୍ଦରେ ଅତି ଦୋହରେ ବସନ୍ତ ଅଞ୍ଚଳେ।**

(କ) କିଏ ଲୋକ ଆଖିକୁ ଆସି ପାରିଲା ନାହିଁ ?

ଉ : ବନଫୁଲ ଗହନ ଅନ୍ଧକାର ଓ ଘନ ଘଞ୍ଜଲତା କୁଞ୍ଜରେ ଫୁଟିଥାଏ ତା'ର ଚାରିପଟେ କଣ୍ଟା ର ବାଡ଼ ତେଣୁ ତା'ର ସୁବାସ ଓ ସୌନ୍ଦର୍ଯ୍ୟକୁ ଲୋକ ଆଖି ଦେଖି ପାରିଲା ନାହିଁ।

(ଖ) କେଉଁ ଫୁଲ ଲୋକ ଲୋଚନକୁ ଆସିଥାଏ ଓ ଲୋକେ ତା'ର ପ୍ରଂଶସା କରନ୍ତି ?

ଉ : ଉଦ୍ୟାନ ଫୁଲଟିର ସୌନ୍ଦର୍ଯ୍ୟ, ରଙ୍ଗ, ଓ ସୁବାସିତ ବାସ୍ନା ଦ୍ୱାରା ଲୋକେ ଆକର୍ଷିତ ହୋଇଥାନ୍ତି। ଏହା ଲୋକଲୋଚନକୁ ସହଜରେ ଆସିଥାଏ ତେଣୁ ସେମାନେ ଉଦ୍ୟାନ ଫୁଲର ଯତ୍ନ ନେବା ସହ ତା'ର ପ୍ରଶସା କରନ୍ତି।

(ଗ) ଉଦ୍ୟାନ ଫୁଲଟିର କିଏ ଯତ୍ନ ନିଏ ଓ କିପରି ନେଇଥାଏ ? କେଉଁ ଋତୁରେ ଏହି ଫୁଲ ମହକିଥାଏ ?

ଉ : ଉଦ୍ୟାନ ଫୁଲଟିର ଯତ୍ନ ମାଳୀ ନେଇଥାଏ ପ୍ରତିଦିନ ତା ମୂଳରେ ପାଣି ଦିଇ ସାର ଓ ଖତ ଦେଇ ତାକୁ ବଢ଼ାଇ ଥାଏ। ଅନାବନା ଘାସ ତା ମୂଳରୁ ବାଛି ବାହାର କରେ। ବସନ୍ତ ଋତୁରେ ପବନରେ ଉଦ୍ୟାନ ଫୁଲଗୁଡ଼ିକ ଦୋହଲି ଦୋହଲି ଲୋକମାନଙ୍କୁ ଆକୃଷ୍ଟ ଓ ମୁଗ୍ଧ କରିଥାଏ।

(ଘ) ଉଦ୍ୟାନ ଫୁଲ ଓ ବନଫୁଲ ର ରୂପ ଗୁଣକୁ କିଏ ଚିହ୍ନିପାରେ ?

ଉ : ଉଦ୍ୟାନ ଫୁଲ ଲୋକଙ୍କ ଆଦର ଯତ୍ନ ସ୍ନେହ ପାଏ କିନ୍ତୁ ବନ ଫୁଲ ବଣରେ ଫୁଟି ଝଡ଼ିଯାଏ ତା'ର ରୂପ ଗୁଣକୁ କିଏ ପ୍ରଶଂସା କରନ୍ତି ନାହିଁ। କିନ୍ତୁ ଉଭୟ ଫୁଲକୁ ଓ ସେମାନଙ୍କର ରୂପ ଗୁଣକୁ କେବଳ ଭ୍ରମର ଚିହ୍ନେ। ଚାରିଆଡ଼େ ବୁଲେ ସେ ମଧୁ ସଂଗ୍ରହ କରେ ତା' ପାଇଁ ଉଦ୍ୟାନ ଫୁଲ ଓ ବନଫୁଲ ଉଭୟ ସମାନ।

# ଧୂଳିଆ ବାବା

**Lesson - 1**

**1.** ବଡ଼ ବଚନ ସିଦ୍ଧ ପୁରୁଷ ଥିଲେ । ଯାହାକୁ ଯାହା ଆଜ୍ଞା କରୁଥିଲେ ତୁରନ୍ତ ଫଳିଯାଉଥିଲା"

(କ) କିଏ କାହିଁକି ବଚନସିଦ୍ଧ ପୁରୁଷ ଥିଲେ ? (୨)

(ଖ) ସେ କେତେବର୍ଷ ଗାଦିରେ ବସିଥିଲେ ? (୨)

(ଗ) ଫୌଜଦାର କାହା ଗୋଡ଼ ତଳେ ଲମ୍ବ ହୋଇ ପଡ଼ିଗଲେ ? ଏହାର କାରଣ କ'ଣ ? (୩)

(ଘ) ଫୌଜଦାର ମହନ୍ତଙ୍କୁ କ'ଣ ଦାନ କରିଥିଲେ ? ତାଙ୍କ ପରେ କେଉଁ ମହନ୍ତ ଗାଦିରେ ବସିଥିଲେ ? (୩)

## ଉତ୍ତର

(କ) ମହନ୍ତ ମହାରାଜ ହନୁମାନ ଦାସ ଥିଲେ ଏକ ବଚନସିଦ୍ଧ ପୁରୁଷ । କାରଣ ସେ ଯାହାକୁ ଯାହା ଆଜ୍ଞା କରୁଥିଲେ, ଯାହା କହୁଥିଲେ ତାହା ସତରେ ପରିଣତ ହେଉଥିଲା ।

(ଖ) ସେ ବାରଶ ବାର ବରଷ ବାର ମାସ ବାର ଦିନ ଗାଦିରେ ବସିଥିଲେ ।

(ଗ) ଫୌଜଦାର ମହନ୍ତ ମହାରାଜ ହନୁମାନ ଦାସଙ୍କ ଗୋଡ଼ତଳେ ଲମ୍ବ ହୋଇ ପଡ଼ିଗଲେ । ଏକଦା ତାଙ୍କର ମହିମା କଥା ଶୁଣି ନାଗପୁର ମରହଟ୍ଟା ଫୌଜଦାର ତାଙ୍କର ଦର୍ଶନ ପ୍ରାର୍ଥୀ ହେଲେ ।

ମହନ୍ତ ମହାରାଜ କାନ୍ଥଡ଼ା ଉପରେ ବସି ଆଉଜି ଗଞ୍ଜେଇ ଟାଣୁଥିବା ବେଳେ ଦୂରରୁ ଦନ୍ତାହାତୀ ପିଠିରେ ବସି ଆସୁଥିବା ଫୌଜଦାରଙ୍କୁ ଦେଖି ମହନ୍ତ ମହାରାଜ  କାନ୍ଥଡ଼ାକୁ ଚାଲିବା ପାଇଁ ନିଜେ ନିର୍ଦ୍ଦେଶ ଦେଲେ । ମଝି ରାସ୍ତାରେ ପରସ୍ପର ଭେଟାଭେଟି ହେଲେ । ମରହଟ୍ଟା ଫୌଜଦାର ମହନ୍ତ ମହାରାଜଙ୍କ ଅଲୌକିକ ଶକ୍ତି ଦେଖି ଗୋଡ଼ତଳେ ପଡ଼ିଗଲେ ।

(ଘ) ଫୌଜଦାର ମହନ୍ତଙ୍କୁ ତମ୍ବା ପାତିଆରେ ବାରବାଟୀ ଜମି ଅକରା ସନନ୍ଦ କରିଦେଲେ । ହନୁମାନ ଦାସଙ୍କ ପରେ ମର୍କଟଦାସ ମହନ୍ତ ମହାରାଜ ଗାଦିରେ ବସିଥିଲେ ।

## Extract - 2

1. **"ଏଣେ ମହାନଦୀ ଆଉ କୂଳରେ ସାହେବ ରାଉଟି ପକାଇ ବସିଥିଲା ଦୂରବୀନରେ ଚାହିଁଦେଲା, ପାଖ ଲୋକଙ୍କୁ  ପଚାରିଲେ, ଏକଥା ? ଲୋକେ କହିଲେ, ହିନ୍ଦୁ ଫକୀର ବିଜେ ହୋଇ ଆସୁଛନ୍ତି, ସାହେବ ଆଉ କ'ଣ ଚୌକିରେ ବସିବ-ନଇକୂଳକୁ ଧାଇଁ ଆଇଲା ।**

(କ) ସାହେବଙ୍କୁ ସାକ୍ଷାତ କରିବା ପାଇଁ କିଏ କେଉଁଥିରେ ଆସିଥିଲେ ?

ଉ : ହନୁମାନ ଦାସଙ୍କ ପରେ ମର୍କଟ ଦାସ ମହନ୍ତ ଗାଦିକୁ ଅଳଙ୍କୃତ କଲେ । ସେତେବେଳ ରାଜ୍ୟରେ ଫିରିଙ୍ଗି ଶାସନ ଥିଲା । ମର୍କଟ ଦାସ ସାହେବଙ୍କୁ ସାକ୍ଷାତ ପାଇଁ ବହୁ ଆଡ଼ମ୍ବର ଘୋଡ଼ାରେ ଚଢ଼ି ମହାନଦୀ କୂଳରେ ପହଞ୍ଚିଲେ ।

**(ଖ) ସାହେବ ତାଙ୍କୁ କାହିଁକି ଡକାଇଥିଲେ ?**

ଉ : ଇଂରେଜ ଶାସନ ସମୟରେ ମର୍କଟ ଦାସ ମହନ୍ତ ଗାଦିରେ ପ୍ରତିଷ୍ଠିତ ହୋଇଥିଲେ । ସାହେବ ଦେଖିଲେ ଏହି ମହନ୍ତ ସରକାରଙ୍କୁ ଖଜଣା ନଦେଇ ମାଗଣାରେ ଅନେକ ଜମି ଭୋଗ କରୁଥିଲେ । ଏମିତି କାହିଁକି  ଚାଲିଛି ଜାଣିବା ପାଇଁ ସେ ମହନ୍ତଙ୍କୁ ଡକାଇଥିଲେ ।

**(ଗ) ସାହେବ ପାଖ ଲୋକଙ୍କଠାରୁ କ'ଣ ଜାଣିଲେ ?**

ଉ : ଆଦେଶ ପାଇଁ ମହନ୍ତ ମର୍କଟ ଦାସ ସାହେବଙ୍କୁ ସାକ୍ଷାତ କରିବାକୁ ଘୋଡ଼ାରେ ଚଢ଼ି ବାହାରିଲେ । ସେ ମହାନଦୀ କୂଳରେ ପହଞ୍ଚିଲେ ସାହେବ ଦୂରବୀନରେ ମହନ୍ତ ଓ ତାଙ୍କର ଚେଲାମାନଙ୍କୁଉଚ୍ଛୁଳା ନଦୀକୁ ପାରି ହେବାର ଦେଖି ଆଶ୍ଚର୍ଯ୍ୟ ହେଲେ । ପାଖ ଲୋକଙ୍କୁ ଏ ବିଷୟରେ ପଚାରିବାରୁ ଜାଣିବାକୁ ପାଇଲେ ଯେ ହିନ୍ଦୁ ଫକିର ବିଜେ ହୋଇ ଆସୁଛନ୍ତି ।

**(ଘ) ମହନ୍ତ ମହାରାଜ ବଢ଼ିଲା ନଇକୁ ପାରିହେଲେ କିପରି ?**

ଉ : ଉଚ୍ଛୁଳା ନଇ ପାଣିରେ ନାଉରୀ ନଈ ପାରି କରିଦେବାକୁ ମନାକଲା ଫଳରେ ମହନ୍ତ ନାଉରୀକୁ ଅପେକ୍ଷା ନକରି ପାଖରେ ଥିବା ବାଘ ଛାଲକୁ ପାଣିରେ ପାରି ଦେଇ ତାଙ୍କର ଚେଲାମାନଙ୍କୁ ନେଇ ନଈ ପାରି ହୋଇଥିଲେ ।

## ଧୂଳିଆ ବାବା
### (ଫକୀର ମୋହନ ସେନାପତି)

**Extract - 3**

**ସେତେବେଳେ ମହନ୍ତ ଗଞ୍ଜେଇ ଟାଣୁଥିଲେ। ପାଟିରୁ ଭକ୍ ଭକ୍ ଧୂଆଁ ବାହାରକରି କଥାଟି ଚିପିଚିପି କହିଲେ ଏଥର ଚିଲମ ନିଆଁ କଥା କହିବ।**

1. **"ଚିଲମ ନିଆଁ କଥା କହିବ" - ଏକଥା ଶୁଣି ଲୋକମାନଙ୍କ ପ୍ରତିକ୍ରିୟା କ'ଣ ଥିଲା ? ସେମାନଙ୍କ ଏପରି ପ୍ରତିକ୍ରିୟା କାହିଁକି ହୋଇଥିଲା ?**

ଉ : ମହନ୍ତ ଯେତେବେଳେ କହିଦେଲେ "ଆମେ ହୁକୁମ୍ କରିବୁ, ଏହି ଚିଲମ ନିଆଁ କହିବ।" ସେ କଥା ଶୁଣି ସେତେବେଳେ ଚେଲାମାନଙ୍କର ଆନନ୍ଦର ସୀମା ରହିଲା ନାହିଁ। କାରଣ ପୂର୍ବରୁ ଏପରି କଥା କେହି କହି ନଥିଲେ କି ଏପରି ଘଟଣା କେବେ ପୂର୍ବରୁ ଘଟି ନଥିଲା। ଚେଲାମାନଙ୍କର ଦୃଢ଼ ବିଶ୍ୱାସ ଥିଲା, ମହନ୍ତଙ୍କ ଆଜ୍ଞା ମେଣ୍ଟଣ ଅର୍ଥାତ୍ ଅନ୍ୟଥା ହେବାର ନୁହେଁ। ମହନ୍ତ କହିଛନ୍ତି। ଯେତେବେଳେ ଚିଲମ ନିଆଁ ନିଶ୍ଚୟ କଥା କହିବ।

2. **ସେହି ଦିନ ମଧ୍ୟରେ କେଉଁ କଥା ହାଟ ହୋଇଯାଉଥିଲା ?**

ଉ : "ଚିଲିମ ନିଆଁ କଥା କହିବ" ମହନ୍ତଙ୍କ ପୂର୍ବରୁ ବାହାରିଥିବା ଏଇ କଥା ସେହି ଦିନକୁ ମଧ୍ୟରେ ଦେଶ ଯାକ ହାଟ ହୋଇଯାଇଥିଲା। ଥୋଡ଼ାଏ ଚେଲା କହିବୁଲୁଥିଲେ "ଧୂଳିଆ ବାବାଙ୍କୁ ପ୍ରଭୁଙ୍କର ସ୍ୱପ୍ନ ହୋଇଛି, ସେ ସିଦ୍ଧ ପୁରୁଷ ହୋଇଗଲେଣି, ତାଙ୍କ ଗଞ୍ଜେଇ ଚିଲମ କଥା କହିବା" ଆଉ ଥୋକେ ହେଲା ପ୍ରକାଶ କଲେ" ନାହିଁ, ନାହିଁ - ଚିଲମ ନୁହେଁ, ଚିଲମ ନିଆଁ କଥା କହୁଛନ୍ତି, ଦଶ ଜଣଙ୍କୁ ଆଜ୍ଞା ହେଲା, ସେ ନିଜେ ଶୁଣିକି ଆସିଛି।

3. **"ଚିଲମ ନିଆଁ କଥା କହିବ"। ଏକଥା ଦେଶ ସାରା ପ୍ରଘରିତ ହେବା ପର ଦିନ ସକାଳୁ କ'ଣ ହୋଇଥିଲା ?**

ଉ : "ମହନ୍ତଙ୍କ ଚିଲମ ନିଆଁ କଥା କହିବ।" ଏ କଥା ସାରା ଦେଶରେ ପ୍ରଘରିତ ହେବା ପରଦିନ ସକାଳୁ ସଞ୍ଜଯାଏ ଶହ ଶହ ଲୋକଙ୍କ ଧାଡ଼ି ଲାଗିଗଲା। କାହାକୁ ବେମାର ଛାଡୁ ନାହିଁ, କାହାର ବଳଦ ହଜିଛି ମିଳୁ ନାହିଁ, କାହାର ମାମଲା ଦାଏର ଅଛି ଡିଗ୍ରୀ ହଉ। ଅନେକ ଅନକ ସ୍ତ୍ରୀଲୋକ ପା' ପୂଜା ପଠାଇଛନ୍ତି, ସେମାନଙ୍କର ପୁଅ ହେଉ ନାହିଁ, ଚିଲମ ପ୍ରଭୁ ବର ଦେଉନ୍ତୁ। ଏହିପରି ଲୋକେ ପାଦ ପୂଜା ପାଇଁ ଟଙ୍କା ଅଧୁଲି ସୁଲା ମହନ୍ତଙ୍କ ପାଦତଳେ ଦେଇ ଅଧିଆ ପଡ଼ିଥିଲେ।

4. **କେବେ କିପରି ବର ମିଳିବ ବୋଲି ଧୂଳିଆବାବା ଲୋକମାନଙ୍କୁ କହିଥିଲେ ?**

ଉ : ଚିଲମ ପ୍ରଭୁଙ୍କଠାରୁ ବର ପାଇବା ଆଶାରେ ଲୋକମାନେ ମହନ୍ତ ମହାରାଜାଙ୍କ ନିକଟରେ ଶହ ଶହ ପହଞ୍ଚିବାରୁ, ମହନ୍ତ ମହାରାଜା ଆଜ୍ଞା କଲେ, "ଉଠ ଉଠ ବାବା ମାନେ"। ଆମେ କିଛି କରିବୁ ନାହିଁ। ଏହି ଯେ ଆମ୍ଭର ଗଞ୍ଜେଇ ଚିଲମରେ ଅଗ୍ନି ଦେଖୁଛ, ସେଥିରେ ଧୁନି ସ୍ଥାପନ



ହେବ। ସେହି ଧୁନିରେ ଅଗ୍ନି ଦେବତା ବିଜେ କରିବେ; ସମସ୍ତଙ୍କର ଗୁହାରି ଶୁଣି ବର ଦେବେ। ଆସନ୍ତା ଅଗିରା ପୁନେଇଁ ଦିନ ଅଗ୍ନି ଦେବତା ସ୍ୱର୍ଗରୁ ବିଜେ ହୋଇ ପୃଥିବୀରେ ଭ୍ରମଣ କରିବେ। ଆମ୍ଭକୁ ସ୍ୱପ୍ନରେ ଆଜ୍ଞା କରିଛନ୍ତି, ଆମ୍ଭେ ଧୁନି ଥାପି ତାଙ୍କୁ ବିଜେ କରାଇ ରଖିବୁ। ଯାହାର ଯାହା ଗୁହାରି ଥିବ, ଜଣାଇଲେ ତତ୍କ୍ଷଣାତ୍ ବର ମିଳିଯିବ।"

2. **ଭଦ୍ର ଲୋକ - ପ୍ରତିଭା ରାୟ**

**ଶୁଭଦା ସେଦିନ ସାରାଦିନ ଅବ୍ୟକ୍ତ ବେଦନାରେ କୁହୁଳିଲା ଏବଂ ବିନା କାରଣରେ ସମସ୍ତଙ୍କ ଉପରେ ଚିଡ଼ି ଚିଡ଼ି ହେଲା। ଶେଷଥର ପାଇଁ ଗତ ବୁଧବାର ଦିନ ସକାଳେ ସେ ଆସି ଫେରିଯାଇଛନ୍ତି ବୋଲି ଚିଠିରେ ଲେଖାଅଛି।**

**(କ) ଶୁଭଦା କିଏ ?**

ଉ : ଏ ଗଳ୍ପର ମୁଖ୍ୟ ଚରିତ୍ର, ଧନୀ ବାପାଙ୍କର ଅଲିଅଳି କନ୍ୟା। ଗାଁ ସ୍କୁଲ୍‌ରେତାର ପ୍ରଥମ ଶିକ୍ଷାଦାତା ନାରଣ ମାଷ୍ଟ୍ରେ, ପାଠ ଶେଷ ପରେ ଅଧାପିକ ଚାକିରି କରେ। ସହରରେ ଜଣେ ପଦସ୍ଥ ଅଫିସରଙ୍କୁ ବିବାହ କରିଛି ପିଲାଛୁଆଙ୍କର ମାଆ ମଧ୍ୟ।

**(ଖ) କିଏ କେତେଥର ଆସି ସେ କିଏ ଥିଲେ ? ଫେରିଯାଇଥିଲେ ?**

ଉ : ନାରଣ ମାଷ୍ଟ୍ରେ ଶୁଭଦାକୁ ଦେଖିବାକୁ ଚାରି ଚାରି ଥର ଆସି ଫେରିଯାଇଥିଲେ। ଶୁଭଦାର ଗାଁର ସ୍କୁଲ୍‌ର ଶିକ୍ଷକ ଥିଲେ ନାରଣ ମାଷ୍ଟ୍ରେ।

**(ଗ) ନାରଣ ମାଷ୍ଟ୍ରେଙ୍କୁ କିଏ କାହିଁକି ବାହାରୁ ଘଉଡ଼ାଇ ଦେଇଥିଲା ? ତାକୁ ଶୁଭଦା କାହିଁକି ଶାସ୍ତି ଦେଇପାରୁନଥିଲେ ?**

ଉ : ଶେଷଥର ନାରଣ ମାଷ୍ଟ୍ରେଙ୍କୁ ଶୁଭଦାର ସାନ ପୁଅ ତଡ଼ି ଦେଇଥିଲା। ଶୁଭଦା ତାକୁ ଶାସ୍ତି ଦେଇପାରୁନଥିଲେ କାରଣ ସେମାନେ ଶୁଭଦାଙ୍କ ନିର୍ଦ୍ଦେଶ ପାଳନ କରୁଥିଲେ। ସେମାନେ ଲୋକଙ୍କର ପୋଷକ ଦେଖି ବ୍ୟକ୍ତିତ୍ୱ ନିର୍ଣ୍ଣୟ କରୁଥିଲେ।

**(ଘ) ନାରଣ ମାଷ୍ଟ୍ରେଙ୍କ ଚିଠି ପଢ଼ି ସାରିବାପରେ ଶୁଭଦାର ପ୍ରତିକ୍ରିୟା କ'ଣ ଥିଲା ?**

ଉ : ଚିଠିଟି ପଢ଼ିସାରିବା ପରେ ସେ ଜାଣି ପାରିଥିଲା ନାରଣ ମାଷ୍ଟ୍ରେ ଚାରିଚାରି ଥର ତାକୁ ଦେଖାକରିବାକୁ ଆସି ଫେରିଯାଇଛନ୍ତି। ସେଥିପାଇଁ ଶୁଭଦା ନିଜକୁ ଅପରାଧି ବୋଲି ଭାବୁଥିଲା। ବିନା କାରଣରେ ସମସ୍ତଙ୍କ ଉପରେ ଚିଡ଼ି ଚିଡ଼ି ହେଉଥିଲା। କାରଣ ଗୋଟାଏ ଗୁରୁତର ଅପରାଧ କଲାଭଳି ସେ ଅନୁଭବ କରୁଥିଲା।

**Extract - 2**

2. ଭଦ୍ରଲୋକ - ପ୍ରତିଭା ରାୟ

**ସ୍କୁଲ୍ ଖାତାରେ ନାଆଁ ଲେଖା ହେଲାବେଳେ ଜାତକରେ ଲେଖାଥିବା ଅଧିକାଂଶ ନାଁ ନାରଣ ମାଷ୍ଟ୍ରଙ୍କ କଲମରେ ବଦଳିଯାଏ।**

**(ଙ)** **ଶୁଭଦାର ନାଁ ସ୍କୁଲରେ ଲେଖାଇବା ପୂର୍ବରୁ କ'ଣ ଥିଲା ? ତା'ର ନାଁ ଶୁଭଦା କିଏ ଦେଇଥିଲା ?**

ଉ : ସ୍କୁଲରେ ନାଁ ଲେଖିବା ପୂର୍ବରୁ ଶୁଭଦାର ନାଁ ଥିଲା ଶୁଭ ଲକ୍ଷ୍ମୀ, କିନ୍ତୁ ସ୍କୁଲରେ ନାଁ ଲେଖିଲା ବେଳେ ରେଜିଷ୍ଟରରେ ନାରଣ ମାଷ୍ଟ୍ରେ ତା'ର ନାଁ ଶୁଭଦା ଲେଖିଥିଲେ।

**(ଖ)** **ଶୁଭଦା ନାଁଟି ନାରଣ ମାଷ୍ଟ୍ରେ କେଉଁ ଅର୍ଥରେ ଦେଇଥିଲେ ?**

ଉ : ନାରଣ ମାଷ୍ଟ୍ରେଙ୍କ କହିବାନୁଯାୟୀ ଆମର ତିନିଠାକୁର ଜଗନ୍ନାଥ, ବଳଭଦ୍ର ଓ ଶୁଭଦ୍ରା ତିନି ଅକ୍ଷର ଶୁଭ। ଶୁଭଦା ଖାଲି ଲକ୍ଷ୍ମୀ ହେବନାହିଁ ସରସ୍ୱତୀ ବି ହେବ ସମସ୍ତଙ୍କ ପାଇଁ ଶୁଭଦାୟୀ ହେବ।

**(ଗ)** **ଛୋଟ ଥିଲାବେଳେ ଶୁଭଦାକୁ ନାରଣ ମାଷ୍ଟ୍ରେ କିଭଳି ବଶ କରି ପଢ଼ାଉଥିଲେ ?**

ଉ : ଶୁଭଦା ସାନ ଥିଲା ବେଳେ ବଡ଼ ଗେହ୍ଲେଇ ବାପାଙ୍କର ଓ ମାଆଙ୍କର ଥିଲା ଆଦର ସୋହାଗ ନମିଳିଲେ ସେ କାହାରି ବଶ ହେଉନଥିଲା। ଟିକେ ପିଠି ଥାପୁଡ଼େଇ 'ସାବାସ' କହିଦେଲେ ଶୁଭଦା ପାଠ ତ ପଢ଼େ ନି ସବୁ ପିଇଯାଏ।

**(ଘ)** **ବଡ଼ ହେଲାପରେ ନାରଣ ମାଷ୍ଟ୍ରଙ୍କ କେଉଁ କାର୍ଯ୍ୟ ଶୁଭଦା କୁ ଭଲ ଲାଗିଥିଲା ?**

ଉ : ଶୁଭଲକ୍ଷ୍ମୀ ପରିବର୍ତ୍ତେ ଶୁଭଦା ନାଁଟି ନାରଣ ମାଷ୍ଟ୍ରେ ତା'ର ଦେଇଥିଲେ। ପ୍ରଥମେ ପ୍ରଥମେ ବୋଧହୁଏ ଏ ନାଁଟା ଭଲ ଲାଗୁନଥିଲା ଶୁଭଦାକୁ କିନ୍ତୁ ବଡ଼ ହେଲାପରେ ଶୁଭଦା ସେ ନାଁଟି ଖୁବ୍ ଭଲ ଲାଗିଥିଲା।

**Extract - 3**

"ସେଇଠି ଫାଟକ ପାଖରେ ଠିଆ ହୁଅନ୍ତି। ନାରଣ ମାଷ୍ଟ୍ରେ। କହନ୍ତି ଯା', ଏଥର ଚାଲି ଯା।"

1. **ଶୁଭଦା ବାପାଙ୍କର ଗେହ୍ଲା ଝିଅ ବୋଲି କିପରି ବର୍ଣ୍ଣନା କରାଯାଇଛି ?**

ଉ : ଶୁଭଦା ବାପାଙ୍କର ଗେହ୍ଲା ଝିଅ। ଆଦର ସୋହାଗ ନ ମିଳିଲେ ସେ କାହାରି ବଶ ହେବା କଥା ନୁହେଁ। ବୋଉ ଯଦି ରାଗରେ ଗୋଟିଏ ମାଡ଼ ଦେଇଥିବ, ବାପା ଘରକୁ ଆସିବା ଯାଏଁ ଲହରେଇ ଲହରେଇ କୋହଟାକୁ ଲମ୍ୱେଇ ରଖିଥିବ ଶୁଭଦା। ବାପାଙ୍କୁ ଦେଖିଲେ ଶୁଖିଯାଇଥିବା ଲୁହଧାର ପୁଣି ଥରେ ଝରଝର ହୋଇ ଝରିଯିବ। ବାପା ଥରିକରି ପିଠି ଆଉଁସି ଦେଲେ ନିଆଁରେ ପାଣି ପଡ଼ିଲା ପରି ତା'ର କାନ୍ଦ ଦପ୍ କରି ବନ୍ଦ ହୋଇଯାଏ।

2. **ନାରଣ ମାଷ୍ଟ୍ରେ ଶୁଭଦାର ପିଲାମାନଙ୍କୁ କିପରି ବୁଝିଥିଲେ ?**

ଉ : ଶୁଭଦାର ଶୈଶବାବସ୍ଥା ଅତି ବିଚିତ୍ର। ବାପା ମା'ର ଗେହ୍ଲା ଝିଅ। ଶୁଭଦା ଏମିତି କାହାରି କଡ଼ା



କଥା ପଦେ ସହେନି କିମ୍ବା କାହାରି ମନରେ ଦୁଃଖ ଦେବା କଥା ବରଦାସ୍ତ କରେନି। ରଙ୍ଗ ଫୁଲ ପରି ଲହୁଣୀ ମନଟିଏ ତା'ର ଛୁଇଁଦେଲେ ଦାଗ ପଡ଼ିଯାଏ। ନାରଣ ମାଷ୍ଟ୍ରେ ସେକଥା ଭଲ ଭାବରେ ଜାଣିଥିଲେ ଯେ, ନାଲି ଆଖି ଦେଖାଇ ଶୁଭଦାଠାରୁ ପାଠ ଆଦାୟ କରିହେବ ନାହିଁ। ତେଣୁ ସେ ଶୁଭଦାର କଅଁଳିଆ ମନକୁ ବୁଝିପାରିଥିଲେ।

3. **ନାରଣ ମାଷ୍ଟ୍ରେ କାହିଁକି ବାଟ ବଳେଇ ଦେବା ପାଇଁ ଆସନ୍ତି ?**

ଉ : ଶୁଭଦା ତୁଚ୍ଛା ଡରକୁଳାଟିଏ। ଅଚିହ୍ନା ମଣିଷ, ଚିହ୍ନା ଗାଁ ରାସ୍ତା, କୁକୁର, ମାଙ୍କଡ଼, ମଶାଣି, ବିଲ, ନାଳ ଉପରେ କାଠ ପୋଲ, ଟାଇଁ ଟାଇଁ ଖରା ଆଉ ଝାମ୍ପୁଲା ଗଛତଳର ଅନ୍ଧାରିଆ ଛାଇ ସମସ୍ତେ ତାକୁ ଡରାନ୍ତି। ତେଣୁ ସକାଳୁଆ ସ୍କୁଲ ଛୁଟି ହେଲେ ତାକୁ ଡର ମାଡୁନଥିବା ରାସ୍ତାଯାଏ ବଳାଇ ଦେବା ପାଇଁ ନାରଣ ମାଷ୍ଟ୍ରେ କିଛି ବାଟ ତା' ସଙ୍ଗେ ଚାଲି ଚାଲି ଆସୁଥିଲେ। ନାରଣ ମାଷ୍ଟ୍ରେ ଖାଲି ପାଦରେ ତାତିଲା ବାଲି ଉପରେ ଡଗଡଗ ପାଦ ପକାଉ କହୁଥିଲେ- ଚାଲ ନାଳ ବନ୍ଧରେ ଛାଡ଼ିଦେଇ ଆସିବି। କାଠ ପୋଲ ସେ ପଟେ ଗାଁର ଛୋଟ ବଜାରଟି ବୁଢ଼ୀମା'ର କୋଳ ପରି ନିର୍ଭୟ ଲାଗେ। ନାରଣ ମାଷ୍ଟ୍ରେ ହାତ ଧରି ଧରି ଦଦରା କାଠପୋଲ ପାରି କରେଇ ଦିଅନ୍ତି। ପୋଲ ପାରି ହେଲେ ଶୁଭଦା କହେ- ମାଷ୍ଟ୍ରେ ! ମୁଁ ଏଥର ଚାଲିଯିବି।

4. **ନାରଣ ମାଷ୍ଟ୍ରେ ଫାଟକ ପାଖରେ ଛିଡ଼ା ହେଲାବେଳେ ଶୁଭଦା କ'ଣ ଭାବେ ?**

ଉ : ଫାଟକ ପାଖରୁ ଘର ପର୍ଯ୍ୟନ୍ତ ସଳଖ ରାସ୍ତାରେ ଶୁଭଦା ଗୋଟିଏ ଚାଲେ। ତା'ର ଇଚ୍ଛା ହୁଏ ସେ ମାଷ୍ଟ୍ରଙ୍କୁ ଘର ପର୍ଯ୍ୟନ୍ତ ଡାକନ୍ତା ଆଉ ତା' ବୋଉ ମାଷ୍ଟ୍ରଙ୍କୁ ଦହି ସରବତ ଦିଅନ୍ତା। ନହେଲେ ବାଧ କରି ଖାଇବାକୁ ଦେଇ ଛାଡ଼ନ୍ତା। କିନ୍ତୁ ସେ ଭଲଭାବରେ ଜାଣେ ନାରଣ ମାଷ୍ଟ୍ରେ ଗାଧୋଇବେ, ଠାକୁର ପୂଜା କରିବେ ଓ ତେବେ ଯାଇ ଖାଇବେ। ସକାଳୁ ଅଗାଧୁଆରେ, ଚା' ପାନ ଛଡ଼ା ସେ ଆଉ କିଛି ଖାଆନ୍ତି ନାହିଁ। ଶୁଭଦା ଘରେ ପଶିବା ଯାଏ ନାରଣ ମାଷ୍ଟ୍ରେ ଅଗାଧୁଆ, ଅଖିଆ ତା' ପାଇଁ ପ୍ରତିଦିନ ଖରାରେ ଏତେବାଟ ଚାଲନ୍ତି କେଉଁ ଆଶାରେ ?

**Extract - 4**

**"ଅକର୍ମଣ୍ୟ ହେବାରୁ ତୋର ସାହାଯ୍ୟ ଲୋଡ଼ିଲି। କିଛି ଖରାପ ଭାବିବୁ ନାହିଁ। - ଇତି ମାଷ୍ଟ୍ରେ।"**

1. **"ଏହି ଗଳ୍ପରେ ଶୁଭଦାଙ୍କ ଭଦ୍ରଲୋକ କିଏ ?**

ଉ : ଏହି ଗଳ୍ପରେ ଭଦ୍ରଲୋକ ଜଣକ ଶୁଭଦାଙ୍କ ପିଲାଦିନର ମାଷ୍ଟ୍ରେ ଥିଲେ। ସ୍କୁଲ ରେଜିଷ୍ଟରରେ ନାଁ ଲେଖା ହେଲାବେଳେ ଶୁଭଲକ୍ଷ୍ମୀ ପରିବର୍ତ୍ତେ ଶୁଭଦ୍ରା ଲେଖିଥିଲେ ନାରଣ ମାଷ୍ଟ୍ରେ। ଚତୁର୍ଦ୍ଧା ମୂର୍ତ୍ତି ଭଳି ନିଦାପିଯା ଶ୍ୟାମଳ ବିଶାଳ ମୂର୍ତ୍ତିଟିଏ। ଗୋଲ୍ ମୁଣ୍ଡ, ଚଟା ହୋଇ ମୁହଁ, ବଡ଼ ବଡ଼

ଗଭୀର ଆଖି, ପୃଥୁଳ ଉଦର, ଖୁମ୍ବ ଭଳି ମଜଭୂତ ଗୋଡ଼, ହାତ। କବାଟ ଭଳି ଚଉଡ଼ା ଜବର ପିଠି, ଖଇର ବୋଳାରେ ନାଲି ପଡ଼ିଥିବା ପାନ ଖିଆ ଓଠ। ସବୁତକ ଏକାଠି ମିଶାଇ ଦେଲେ ସେ ହେବେ ନାରଣ ମାଷ୍ଟ୍ରେ ଯିଏ ଗଛର ଭଦ୍ରଲୋକ।

**2. ନାରଣ ମାଷ୍ଟ୍ରେ ଶୁଭଦାକୁ ପିଲାଦିନେ କିପରି ସ୍ନେହ କରୁଥିଲେ ?**

ଉ : ନାରଣ ମାଷ୍ଟ୍ରେ ପଦ୍ମାସନ ପକାଇଲା ଭଳି ଚଉଡ଼ା ଚକା ପାରି ବସନ୍ତି। ପାଖିକିଆ କରି ବା ଜଙ୍ଘ ଉପରେ ସେ ଶୁଭଦାକୁ ବସାଇ ପାଠ ପଢ଼ାଇବା ଆରମ୍ଭ କରିଥିଲେ। ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଲେଖି ଅକ୍ଷର ଶିଖାଇଥିଲେ। କାହାଣୀ କହୁ କହୁ, ଗେଲ କରୁ କରୁ, କୁତୁ କୁତୁ କରି ହସାଇ ହସାଇ ତାକୁ ସ୍ନେହକରି ପଢ଼ାଉଥିଲେ। ବେତ ବାଡ଼ିର ଆଦୌ ଆବଶ୍ୟକ ପଡ଼େ ନାହିଁ।

**3. ନାରଣ ମାଷ୍ଟ୍ରେ ଶୁଭଦାଙ୍କ ପାଖକୁ କାହିଁକି ଆସିଥିଲେ ?**

ଉ : ସେଦିନ ନାରଣ ମାଷ୍ଟ୍ରେ ଶୁଭଦା ପାଖକୁ ଅତି ଜରୁରୀ କାମରେ ଆସିଥିଲେ। ପୁଅ ତାଙ୍କର ଆଇ. ଏ, ଫେଲ୍ ହୋଇ ପାଠରେ ଡୋରି ବାନ୍ଧି ବେକାର ହୋଇ ଘରେ ବସିଥିଲା। ତେଣୁ ତା' ପାଇଁ କିଛି ଆର୍ଥିକ ସାହାଯ୍ୟ ଆଶାରେ ନାରଣ ମାଷ୍ଟ୍ରେ ଶୁଭଦାଙ୍କ ପାଖକୁ ସେଦିନ ଆସିଥିଲେ। ଥରେ ନୁହେଁ ଚାରି ଚାରି ଥର। ଥରେ ଗାଁରୁ ଭୁବନେଶ୍ୱର ଆସିଲେ ପନ୍ଦର ଟଙ୍କା ଖର୍ଚ୍ଚ ବୋଲି ନାରଣ ମାଷ୍ଟ୍ରେ ଦୁଃଖ ପ୍ରକାଶ କରିଅଛନ୍ତି। ଅକର୍ମଣୀ ହେବାରୁ ଶୁଭଦାଙ୍କ ସାହାଯ୍ୟ ଲୋଡ଼ିଛନ୍ତି ବୋଲି ପ୍ରକାଶ କରିଛନ୍ତି ଚିଠିରେ ।

**4. ଶୁଭଦା ଭବିଷ୍ୟତରେ କ'ଣ ହେବେ ବୋଲି ନାରଣ ମାଷ୍ଟ୍ରେ କହିଥିଲେ ?**

ଉ : ସ୍କୁଲ ନାଁ ଲେଖା ରେଜିଷ୍ଟରରେ ଶୁଭଲକ୍ଷ୍ମୀ ପରିବର୍ତ୍ତେ 'ଶୁଭଦା' ଲେଖିଥିଲେ ନାରଣ ମାଷ୍ଟ୍ରେ। କହିଥିଲେ ଆମର ତିନି ଠାକୁର। ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା। ତିନି ଅକ୍ଷର ଶୁଭ। ଶୁଭଦା ଆମର ଖାଲି ଲକ୍ଷ୍ମୀ ହେବ ନାହିଁ, ସରସ୍ୱତୀ ବି ହେବ। ଆମ ଅଞ୍ଚଳର ନାମ ରଖିବ ଏବଂ ସମସ୍ତଙ୍କ ପାଇଁ ଶୁଭଦାୟିନୀ ହେବ। ବାପା ମଧ୍ୟ ଏଥିରେ ଖୁସି ହୋଇଥିଲେ। ସେହି ଦିନୁ ହେଲା 'ଶୁଭଲକ୍ଷ୍ମୀ' ପରିବର୍ତ୍ତେ 'ଶୁଭଦା'।

## ଶିକାର

### (ଭଗବତୀ ପାଣିଗ୍ରାହୀ)

**1. ସେଦିନ ଭୋରରୁ ସେ ଏକ ଅଦ୍ଭୁତ ଶିକାର ନେଇ ଡେପୁଟି କମିଶନରଙ୍କ ବଙ୍ଗଳା ପାଖରେ ହାଜର। ଗୋଟିଏ କାନ୍ଧରେ ତା'ର ଧନୁଟି, ଝୁଲୁଛି, ହାତରେ ଦି'ତିନିଟା ତୀର, ଆଉ କାନ୍ଧରେ ଟାଙ୍ଗିଆଟି ପଡ଼ିଛି। ଘିନୁଆକୁ ଏ ବେଶରେ ଦେଖି ଅର୍ଦ୍ଦଳି ପଚାରିଲା - "କିରେ, ଆଜି କି ଶିକାର ଆଣିଛୁ ?"**



(କ) ଅଦ୍ଭୁତ ଶିକାରଟି କ'ଣ ?

(ଖ) ସାହେବଙ୍କ ବଙ୍ଗଳା ଆସିବାର କାରଣ କ'ଣ ?

(ଗ) ଘିନୁଆ ବିଖ୍ୟାତ ଶିକାରୀ, କିପରି ?

(ଘ) ଅର୍ଦ୍ଦଳି ଘିନୁଆକୁ ଦେଖି କ'ଣ ପଚାରିଛି ?

### ଉତ୍ତର

(କ) ଏକ ମଣିଷ ସଜ କଟା ମୁଣ୍ଡ ହିଁ ଅଦ୍ଭୁତ ଶିକାର ଥିଲା ଯାହାକୁ ଘିନୁଆ ଘେନି ଆସି ସାହେବଙ୍କ ବକ୍‌ସିସ୍ ପାଇବା ଆଶାରେ ହାଜର ହୋଇଥିଲା।

(ଖ) ଏଥିପୂର୍ବରୁ ଘିନୁଆ ମହାବଳ ବାଘ ମାରି ପୁରସ୍କାର ପାଇଛି। ଏଥର ସେ ମଣିଷ ମାରିଛି ଏଣୁ ବକ୍‌ସିସ୍ ପାଇବା ଆଶାରେ ସାହେବଙ୍କ ବଙ୍ଗଳାକୁ ଆସିଛି।

(ଗ) ଘିନୁଆ ଜଣେ ବଣୁଆ ସାନ୍ତାଳ। ନିଜ ହାତ ତିଆରି ଧନୁଶର ଓ ଟାଙ୍ଗିଆ ଧରି ଜଙ୍ଗଲରେ ଶିକାର କରେ। ସେ ଜଣେ ଅବ୍ୟର୍ଥ ସନ୍ଧାନୀ ଶିକାରୀ, ମାଇଲିଏ ଦୂରରୁ ତୀର ମାରି ଲକ୍ଷ୍ୟ ଭେଦ କରିଥାଏ। ତା'ର ଶିକାର କରିବା କୌଶଳ ଅଦ୍‌ଭୂତ। ଶର ସନ୍ଧାନ କଲାବେଳେ ଚିତ୍ ହୋଇ ଶୋଇପଡ଼େ ଓ ବାଁ ପଦକୁ ଧନୁରେ ଲଗାଇ କାନ ପର୍ଯ୍ୟନ୍ତ ଟାଣି ଆଣି ତୀର ମାରିଥାଏ। ଏପରି ସେ ବାଘ, ଭାଲୁ, ସମ୍ବର, ବାରହା ଇତ୍ୟାଦି ଶିକାର କରିଛି ଏପରି ଦୁଇଟା ମହାବଳ ବାଘକୁ ମଧ୍ୟ ମାରିଛି। ତେଣୁ ଏହି ପରି ସେ ଜଣେ ବିଖ୍ୟାତ ଶିକାରୀ ହୋଇପାରିଛି।

(ଘ) ଅର୍ଦ୍ଦଳି ଘିନୁଆକୁ ଦେଖି କି ଶିକାର ଆଣିଛୁ ବୋଲି ପଚାରିଥିଲା। ଘିନୁଆ ବ୍ୟସ୍ତ ଦେଖେଇ ଗାମୁଛାରେ ବନ୍ଧା ହୋଇଥିବା ଗୋଟିଏ ପଦାର୍ଥ ଦେଖାଇ କହିଲା ସେ ଆଜି ଏକ ମସ୍ତ ଜାନୁଆର ଶିକାର କରି ଆଣିଛି। ଅର୍ଦ୍ଦଳି ବାଘ ନା ଭାଲୁ, ଚିତା, ବାରହା ଆଣିଛୁ ବୋଲି ପଚାରିଲେ ମଧ୍ୟ ସେ କୌଣସି ଉତ୍ତର ଦେଇ ନଥିଲା। ଏ ସବୁ କଥା ଅର୍ଦ୍ଦଳି ଘିନୁଆକୁ ପଚାରିଛି।

**3. "ଗୋଳମାଳ ଶୁଣି ସାହେବ ବଙ୍ଗଳା ଭିତରୁ ବାହାରି ଆସିଲେ, ଘିନୁଆ ମୁଣ୍ଡିଆ ମାରି ସାହେବଙ୍କୁ ସେହିପରି ଦାନ୍ତ ଦେଖାଇଲା।**

(କ) ଘିନୁଆ କିଏ ?

ଉ : ଘିନୁଆ ଥିଲା ଜଣେ ସରଳ ଆଦିବାସୀ ଓ ଜଣେ ବଣୁଆ ସାନ୍ତାଳ, ସେ ଛନ୍ଦକପଟ ଜାଣେନା, ତା ଶରୀରରେ ଅସୁରର ବଳ ତା" ଅଞ୍ଚଳରେ ସେ ଜଣେ ବଡ଼ ଶିକାରୀ ହିସାବରେ ବିଖ୍ୟାତ ଥିଲା।

(ଖ) ଘିନୁଆର ପ୍ରଥମ ଅସ୍ତ୍ର କ'ଣ ଥିଲା ? ସେ କାହିଁକି ବିଖ୍ୟାତ ଥିଲା ?

ଉ: ଘିନୁଆର ପ୍ରଥମ ଅସ୍ତ୍ର ତା'ର ହାତ ତିଆରି ନିଜର ଧନୁଶର। ଏଇ ଧନୁଶର ସାହାଯ୍ୟରେ ବାଘ, ଭାଲୁ, ସମ୍ବର, ଚିତା ପଶୁ ପକ୍ଷୀ ସବୁ ଶିକାର କରୁଥିଲା।

(ଗ) ଘିନୁଆ କିପରି ତୀର ମାରୁଥିଲା ?

ଉ : ଘିନୁଆ ତୀର ମାରିବାବେଳେ ଚିତ୍ ହୋଇ ଶୋଇ ପଡ଼େ ବାଁ ପାଦଟିକୁ ଧନୁରେ ଲଗାଇ ଦେଇ କାନ ପର୍ଯ୍ୟନ୍ତ ଟାଣି ତୀରଟିକୁ ଛାଡ଼ି ଦିଏ। ମାଇଲିଏ ଦୂର ରୁ ତୀର ମାରି ସେ ଲାଖ ବିନ୍ଧି ପାରୁଥିଲା।

**(ଘ) ଡେପୁଟି କମିଶନଙ୍କଠାରୁ ଘିନୁଆ କାହିଁକି ପୁରସ୍କାର ପାଇଥିଲା ? ସେଦିନ କ'ଣ ଶିକାର କରି ଘିନୁଆ ଡେପୁଟି କମିଶନରଙ୍କ ପାଖକୁ ଯାଇଥିଲା ?**

ଉ : ବାଘ ଭାଲୁଙ୍କ ଅପେକ୍ଷା ଲୋକେ ତାକୁ ବେଶୀ ଭୟ କରନ୍ତି। ବାଘ-ଭାଲୁଙ୍କ ଅପେକ୍ଷା ସେ ଲୋକଙ୍କର କ୍ଷତି କରେ ଢେର୍ ବେଶୀ।

(ଙ) ଏଠାରେ କାହା ବିଷୟରେ କୁହାଯାଇଛି ?

ଉ : ଏଠାରେ ଗୋବିନ୍ଦ ସରଦାର କଥା କୁହାଯାଇଛି, ସେ ଅତି ଅତ୍ୟାଚାରୀ ଲୋକ ଥିଲା। ତେଣୁ ଲୋକେ ତାକୁ ଡରନ୍ତି।

**(ii) ଲୋକେ ବାଘ - ଭାଲୁଙ୍କ ଅପେକ୍ଷା ମଣିଷକୁ ଅଧିକ ଡରନ୍ତି କାହିଁକି ?**

ଉ : ଭାଲୁ ହେଉ କି ବାଘ ସେମାନେ ନିଜ ଆତ୍ମରକ୍ଷା କିମ୍ବା ଖାଦ୍ୟ ପାଇଁ ଆକ୍ରମଣ କରି ଶିକାର କରନ୍ତି। ମଣିଷ ସାହସ ଓ ଚେଷ୍ଟା ବଳରେ ତାଙ୍କଠାରୁ ନିଜକୁ ସୁରକ୍ଷିତ ରଖି ପାରିବ। କିନ୍ତୁ ମଣିଷ ନିଜର ଲୋଭ ଓ ହିଂସା ଏବଂ ମନ୍ଦବୁଦ୍ଧି ଲାଗି ଅନ୍ୟର କ୍ଷତି କରେ। ତେଣୁ ଲୋକେ ବାଘ-ଭାଲୁଙ୍କ ଅପେକ୍ଷା ମଣିଷକୁ ଅଧିକ ଡରନ୍ତି।

**(iii) ସେ ଘିନୁଆର କି କ୍ଷତି କରିଥିଲା ?**

ଉ : ଏଠାରେ ଗୋବିନ୍ଦ ସରଦାର ଉଦ୍ଦେଶ୍ୟରେ କୁହାଯାଇଛି। ଗୋବିନ୍ଦ ଲୋକଙ୍କୁ ଲୁଟୁ ଥିଲା, ଶୋଷଣ କରୁଥିଲା। ସେ ଘିନୁଆର ଘର ଦ୍ୱାର, ଜମିବାଡ଼ି ଲୁଟି ନେଇଥିଲା। ଏପରିକି ତା' ସ୍ତ୍ରୀ ପ୍ରତି ଅସଦ୍ ବ୍ୟବହାର କରିବାର ଚେଷ୍ଟା କରିଥିଲା। ସେଥିପାଇଁ ଘିନୁଆ ତାକୁ ମାରି ଦେଲା।

**(iv) ଘିନୁଆ ତାକୁ କିପରି ମାରିଲା ?**

ଉ : ଗୋବିନ୍ଦ ଘିନୁଆର ସ୍ତ୍ରୀ ପ୍ରତି ନଜର ଘିନୁଆ ତାକୁ ମାରିବାକୁ ଚେଷ୍ଟା କଲା। ଘିନୁଆକୁ ଦେଖି ଗୋବିନ୍ଦ ଖସି ଯିବାକୁ ଚେଷ୍ଟା କରୁଥିଲା। ଗୋବିନ୍ଦ ମଟରରେ ଥିଲେ ବି ଘିନୁଆ ତୀର ମାରି ତା'ର ଗାଡ଼ିର ଚକା ଅଚଳ କରି ଦେଲା ତା'ପରେ ଟାଙ୍ଗିଆ ଚୋଟରେ ତା'ର ମୁଣ୍ଡ ଗଣ୍ଡି ଅଲଗା କରିଦେଲା।



**3.** ସରକାର ଘରର କେତେ ଫନ୍ଦି ଫିକର, କାଇଦା କଟକଣା ଅଛି। ଖାଲି ସେମିତି କ'[illegible] ବକ୍‌ସିସ୍ ଦିଆଯିବ ? ସେ ଘରକୁ ଫେରି ସବୁ ଦେଖାଇବ। କି ଖୁସି ହେବ ସ୍ତ୍ରୀ ତା'ର ସେ[illegible] ସବୁ ଦେଖି !

**(i) ସରକାର ଘରର କାଇଦା କଥା ଘିନୁଆ କାହିଁକି ଭାବିଲା ?**

ଉ : ଶିକାର ଭେଟି ଦେବା ମାତ୍ରେ ଡେପୁଟି କମିଶନର ଘିନୁଆକୁ ବକ୍‌ସିସ୍ ଦେଉଥିଲେ। ଏହି ସାହେବଙ୍କ ବ୍ୟତୀତ ଘିନୁଆ ଆଉ କୌଣସି ହାକିମଙ୍କୁ ଜାଣି ନଥିଲା। ଏଥର ତାକୁ ଏଯାଏଁ ପୁରସ୍କାର ତ ମିଳିନି, ପୁଣି ସରକାରୀ ଘରେ ବନ୍ଦୀକର ରଖାଯାଇଛି। ସେଥିପାଇଁ ଘିନୁଆ ଏସବୁକୁ ସରକାର ଘରର କାଇଦା ବୋଲି ଭାବିଲା।

**(ii) ତାକୁ କି ବକ୍‌ସିସ୍ ମିଳିବ ବୋଲି ସେ କଳ୍ପନା କରୁଥିଲା ?**

ଉ : ମେଳିଆ ଝପଟ ସିଂକୁ ମାରି ଡୋରା ପାଞ୍ଚ ଶହ ଟଙ୍କା ପୁରସ୍କାର ପାଇଥିଲା। ଗୋବିନ୍ଦ ସରଦାର ଝପଟ ସିଂ ଠାରୁ ବହୁ ଗୁଣରେ ଭୟଙ୍କର। ତେଣୁ ଘିନୁଆ ଭାବୁଥିଲା। ତାକୁ ଅଧିକ ବକ୍‌ସିସ୍ ମିଳିବ। ତା ମୁଣ୍ଡରେ କଳାକନାର ଖୋଳ ପିନ୍ଧାଇ ଦେଇ ତା ହାତରେ ସୁନାରୂପା ଢାଳି ଦିଆଯିବ। ସରକାର ଘରର କେତେ ଫନ୍ଦି ଫିକର କାଇଦା କଟକଣା ଘିନୁଆ ଜାଣି ନଥିଲା।

**(iii) ଭବିଷ୍ୟତ ବିଷୟରେ ସେ କ'ଣ ସବୁ ଭାବୁଥିଲା ?**

ଉ : ଘିନୁଆ ଜେଲ୍‌ର ଅନ୍ଧାରୁଆ ଗୁମ୍ଫାରେ ବସି ଭବିଷ୍ୟତର ଚିନ୍ତା କରୁଥିଲା। ଭାବୁଥିଲା ବକ୍‌ସିସ୍ ପାଇ ସେ ଶୀଘ୍ର ଘରକୁ ଯିବ। ତା ସ୍ତ୍ରୀକୁ ସବୁ ଚିଜ ଦେଖାଇବ। ସେ ଭାରି ଖୁସି ହେବ। ଭଲ ଘରଦ୍ୱାର କରି ଜମିବାଡ଼ି ଚଷି ସେ ସୁଖରେ ଘର ସଂସାର କରି ରହିବ।

**(iv) ବାସ୍ତବରେ କ'ଣ ହେଲା ?**

ଉ : ଘିନୁଆର ସ୍ୱପ୍ନ ଓ ତା' ଜୀବନର ବାସ୍ତବତାରେ ଆକାଶ ପାତାଳ ପ୍ରଭେଦ ରହିଗଲା। ସରକାରୀ ଆଇନ୍‌ରେ ଗୋବିନ୍ଦକୁ ମାରି ଘିନୁଆ ଅପରାଧୀ ହୋଇଛି। ତେଣୁ ହତ୍ୟାକାରୀର ବିଚାରରେ ସେ ପ୍ରାଣଦଣ୍ଡ ପାଇଲା। ଏହି ଦଣ୍ଡର ଅର୍ଥ ସେ ବୁଝିବା ଆଗରୁ ତାକୁ ଫାଶୀ ହୋଇଗଲା।

**4.** "କିଏ କହେ ତା'ର ଫାଶୀ ହେବ, କିଏ କହେ ସେ ଯିବ କଳାପାଣି। କାହିଁକି ? ସେ ଏମିତି କି ଅପରାଧ କରିଛି କି ? କିଛି ନବୁଝି ପାରି ସେମାନଙ୍କ କଥାକୁ ବିଶ୍ୱାସ କରିପାରେ ନାହିଁ।"

**(i) ଶିକାର ଗଳ୍ପର ଅନ୍ତଃସ୍ୱର କ'ଣ ?**

ଉ : ଘିନୁଆର ଶିକାର ମାଧ୍ୟମରେ ଅତୀତର ପରମ୍ପରାକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି ସାମ୍ୟବାଦୀ ସାରସ୍ୱତ ବିନ୍ଧାଣୀ ଭଗବତୀ ଚରଣ ପାଣିଗ୍ରାହୀ। ଶିକାର ଗଳ୍ପ ଆକସ୍ମିକ ଭାବେ ଓଡ଼ିଆ ଗଳ୍ପ ସାହିତ୍ୟର ଦିଗ ପରିବର୍ତ୍ତନରେ ସହାୟକ ହୋଇଥିଲା ଗତାନୁଗତିକୁ ଚିନ୍ତାଧାରା ପାଇଁ ଶିକାର ଗଳ୍ପ ଏକ ବିରାଟ ପ୍ରଶ୍ନବାଚୀ। ସାମାଜିକ ଅବିଚାର ବିରୁଦ୍ଧରେ ଯେଉଁ ପୁଞ୍ଜିଭୂତ ବିଦ୍ରୋହର ପାହାଡ଼ ପ୍ରତି ମୁହୂର୍ତ୍ତରେ ଅବଦମିତ ହୋଇ ରହୁଛି ତାକୁ ବହିଃପ୍ରକାଶ କରିବା ହିଁ ସାମ୍ୟବାଦୀ ଗାଳ୍ପିକଙ୍କ ମୁଖ୍ୟ ଆଲେଖ୍ୟ। କ'ଣ ପାଇଁ ଘିନୁଆ ଫାଶୀ ପାଇବ ? କ'ଣ ପାଇଁ ଘିନୁଆ ସଜା ପାଇବା ? ଗୋବିନ୍ଦ ସରଦାର ଜଣେ ଅସାମାଜିକ ଲୋକ। ସମାଜ ପାଇଁ ଏକ କଳଙ୍କ, ବି[illegible]

ଅନ୍ତରାୟ । ତାକୁ ଶିକାର କରିବାରେ ଘିନୁଆର ଦୋଷ କ'ଣ ?

**(ii) ଘିନୁଆ ହାଜତରେ ରହି ମଧ କ'ଣ ଭାବୁଥିଲା ?**

ଉ : ଘିନୁଆ ଅତି ସରଳ ବିଶ୍ୱାସୀ । ସାମାଜିକ ପରମ୍ପରାର ଆଇନ୍ କାନୁନ୍‌ର ବହୁ ଊର୍ଦ୍ଧ୍ୱରେ । ବକ୍‌ସିସ୍ ପାଇବା ଆଶାରେ ଶିକାର କରିବା ତା'ର ପ୍ରବଳ ଝୁଙ୍କ ଆଉ ପେଷା । କିଏ କହେ ତାକୁ ଫାଶୀ ହେବ । ଆଉ କିଏ କହେତ ସେ ଯିବ କଳାପାଣି । ହେଲେ ସରଳ ବିଶ୍ୱାସୀ ମନଟା କିଛି ବୁଝେନା । ସେ ଅନେଇ ରହେ ଏକ ଓଜନଦାର ବକ୍‌ସିସ୍ । ଶେଷରେ ଦିନେ ଡେପୁଟି କମିଶନର ପରିଦର୍ଶନ କରିବାକୁ ଆସିଥିଲେ । ସେ ତାକୁ ହିଁ ସବୁ ହାଲ୍ ପଚାରିଲା । ସେ କହିଲେ ଯେ ପୂର୍ବରୁ ସେ ବାଘ, ଭାଲୁ ମାରୁଥିଲା ବୋଲି ସଙ୍ଗେ ସଙ୍ଗେ ବକ୍‌ସିସ୍ ପାଉଥିଲା । ଏବେ ମାରିଛି ମଣିଷ । ଏଥର ବି ବକ୍‌ସିସ୍ ପାଇବ ତାହା ପାଞ୍ଚ ଛ' ଜଣ ତ' ବୁଝି ବିଚାର ଠିକ୍ କରିବେ ଏହି କଥାଟା ତା' ମନକୁ ପାଇଲା ।

**3. ଘିନୁଆ ଗୋବିନ୍ଦ ସରଦାରକୁ ମାରି ବଡ଼ କାମଟାଏ କରିଛି ବୋଲି କାହିଁକି ଭାବୁଥିଲା ?**

ଉ : ଗୋବିନ୍ଦ ସରଦାରକୁ ମାରିବା ପାଇଁ ଘିନୁଆକୁ କମ୍ କଷ୍ଟ କରିବାକୁ ପଡ଼ିନାହିଁ । ଅନେକ ଲୋକ ତାକୁ ଛକିଥିଲେ, କେହି ତାକୁ ମାରି ପାରିନଥିଲେ । ଗୋବିନ୍ଦ ସରଦାର ଯିଏ ସବୁବେଳେ ମଟରରେ ଯିବା ଆସିବା କରେ, ଅନ୍ୟର ଧନ ସମ୍ପତ୍ତି ଲୁଟି ସେ ତା'ର ଧନ ସମ୍ପତ୍ତି ବଢ଼େଇଛି । କେତେ ଲୋକଙ୍କୁ ମାରିଛି, ହାଣିଛି, ଇଜ୍ଜତ ନେଇଛି ତା'ର ହିସାବ ନାହିଁ । ଘିନୁଆର ସବୁ ଜମିବାଡ଼ି ମଧ ନିଜର କରିନେଇଛି । ଦିନେ ଘିନୁଆର ସ୍ତ୍ରୀ ଉପରେ ଅତ୍ୟାଚାର କରିବା ସମୟରେ ଘିନୁଆକୁ ଦେଖି ମଟରରେ ପଳାଉଥିଲା । କିନ୍ତୁ ଘିନୁଆ ତା'ର ମଟର ଚକକୁ ତୀର ମାରି ଅଟକେଇ ଟାଙ୍ଗିଆରେ ମୁଣ୍ଡଟି କାଟି ଦେଲା । ସେଥିପାଇଁ ସେ ଗୋଟିଏ ବଡ଼ କାମ କରିଛି ବୋଲି ଭାବୁଥିଲା ।

**4. ଗୋବିନ୍ଦ ସରଦାର ସାଧାରଣ ଲୋକଟିଏ ନଥିଲା ବୋଲି କାହିଁକି ଭାବୁଥିଲା ?**

ଉ : ଗୋବିନ୍ଦ ସରଦାର ସାମାନ୍ୟ ଲୋକ ନଥିଲା । ହାତରେ ତା'ର ଥାଏ ସବୁବେଳେ ବନ୍ଧୁକ । ବାଘ ଭାଲୁଙ୍କ ଅପେକ୍ଷା ଲୋକେ ତାକୁ ବେଶୀ ଭୟ କରୁଥିଲେ । ବଣ ଜନ୍ତୁଙ୍କ ଅପେକ୍ଷା ସେ ଲୋକଙ୍କର ବେଶୀ କ୍ଷତିକରେ । ଝପଟ ସିଂହ ଅପେକ୍ଷା ସେ ବେଶୀ ଭୟଙ୍କର । ଝପଟ ସିଂ ସ୍ତ୍ରୀମାନଙ୍କର ଇଜ୍ଜତ ନେଇ ନାହିଁ କି କାହାରି ଜମିବାଡ଼ି ଦଖଲ କରିନାହିଁ । ସେ କେବଳ ଖଜଣାଖାନା ଲୁଟ କରିଥିଲା । ଗୋବିନ୍ଦ ସରଦାର ଥିଲା ବଡ଼ ଭୟଙ୍କର । ସବୁବେଳେ ସ୍ତ୍ରୀ ଲୋକଙ୍କ ଇଜ୍ଜତ ସହ ଖେଳ ଖେଳିବା ଏବଂ ଅନ୍ୟର ଧନ ସମ୍ପତ୍ତି ଜୋର୍ ଜବରଦସ୍ତ ଦଖଲ କରିବା ଥିଲା ତା'ର ପ୍ରଧାନ କାର୍ଯ୍ୟ ।

**କୃପାଣ - ମନୋଜ ଦାସ**

**"ସେତିକି ସମୟ ଦୁର୍ଲ୍ଲଭ ବାପାଟି ସହ ଖେଳିବାରେ କେତେ ମଜା ଥାଏ । ବାପା ଭଳି ଚମତ୍କାର ବନ୍ଧୁ ସେ ଜ୍ଞାନ ହେବା ଦିନରୁ ପାଇନଥିଲା ।"**



**(କ) ଦୁର୍ଲଭ ବାପା ଏଠାରେ କାହାକୁ କାହିଁକି କୁହାଯାଇଛି ?**

ଉ : ଦୁର୍ଲ୍ଲଭ ବାପାଟି ବୋଲି ସୁକୁମାରକୁ କୁହାଯାଇଛି । ଦୁର୍ଲ୍ଲଭ ଅର୍ଥ ଯାହା ସହଜରେ ମିଳେନାହିଁ । ପଲ୍‌ଟୁଠାରୁ ସୁକୁମାର ଦୂରରେ ମହାନଗରୀରେ ରହୁଥିଲା । କେବଳ ଛୁଟହେଲେ ସେ ପଲ୍‌ଟୁ ପାଖକୁ ଆସୁଥିଲେ ।

**(ଖ) ବାପା ବ୍ୟତୀତ ପଲ୍‌ଟୁ ପାଇଁ ସୁକୁମାର କ'ଣ ଥିଲେ ?**

ଉ : ବାପା ବ୍ୟତୀତ ପଲ୍‌ଟୁ ପାଇଁ ସୁକୁମାର ଜଣେ ଚମତ୍କାର ବନ୍ଧୁ ଥିଲେ । କାରଣ ସୁଖ ଦୁଃଖରେ ଛୁଟିରେ ସେ ପଲ୍‌ଟୁ ପାଖରେ ରହୁଥିଲେ ତା ସହ ଖେଳୁଥିଲେ ଟ୍ରଫି, ଉପଢ଼ୌକନ, ଉପହାର ଦେଉଥିଲେ ଅନ୍ୟ ସାଥୀଙ୍କ ଭଳି ବାପାଙ୍କୁ ମାଡ଼ ବା ଆମ୍ପୁଡା ପରିବର୍ତ୍ତେ ବାପା ନିଜେ ଦୋଷ କଲାଭଳି ହସୁଥିଲେ ।

**(ଗ) ପଲ୍‌ଟୁ ଖେଳସାଥୀମାନଙ୍କର ନାମ କ'ଣ ଥିଲା ?**

ଉ : ପଲ୍‌ଟୁର ଖେଳ ସାଥୀମାନଙ୍କର ନାମ କୁମୁ କୁମ୍ପୁ, ପେୟୁ, ଜ୍ୟାକ ଇତ୍ୟାଦି ଥିଲା । ସେମାନେ ତାକୁ ମାରିଲେ ପଲଟୁ ବି ସେମାନଙ୍କୁ ମାଡ଼ ମାରୁଥିଲା ।

**(ଘ) ସେଦିନ ବାପା ଚାରିଟା ବେଳେ ଘରୁ ଗଲାପରେ ପଲ୍‌ଟୁ କ'ଣ ସବୁ କରିବା ପାଇଁ ସ୍ୱାଧୀନତା ଦିଆଯାଇଥିଲା ?**

ଉ : ବାପା ଯିବାପରେ ବାପାଙ୍କୁ ଯେପରି ନଖୋଜିବ ସେଥିପାଇଁ ପଲ୍‌ଟୁର ମନ ଭୁଲାଇବାକୁ ପଲ୍‌ଟୁକୁ ଅନେକ ଖେଳ ସରଞ୍ଜାମ ଯୋଗାଇବା ସହ ଛବି ବହିଟିଏ ଚିରିବାର ସ୍ୱାଧୀନତା ଦିଆଯାଇଥିଲା ।

**1. ମହାନଗରୀରୁ ମାସେ ହେଲା ଛୁଟିରେ ଆସି ରହିବା ଭିତରେ ପ୍ରତ୍ୟହ ସନ୍ଧ୍ୟାବେଳେ ସେ ସୁକୁମାର ତା' ସହ ଖେଳିବାର ମୂଲ୍ୟବାନ ସୁଯୋଗ ବହୁଳାଂଶରେ ବର୍ଜନକରି କୁଆଡ଼େ ଉଭାନ ହୋଇଯାଇଥିଲା, ସେଇଟା ମଧ ଆଗତ ପ୍ରାୟ ସନ୍ଧ୍ୟାର ଘଟଣା ସହିତ ସମ୍ପର୍କିତ ବୋଲି ତା'ର ଛାଇଛାଇକା ଧାରଣା ହୋଇଯାଇଥିଲା ।**

(କ) କିଏ, କାହିଁକି ମହାନଗରୀରୁ ମାସେ ଛୁଟି ନେଇ ଆସିଥିଲେ ?

(ଖ) କିଏ, ଖେଳିବାର ମୂଲ୍ୟବାନ ସୁଯୋଗ ହରାଉଥିଲା ଏବଂ କାହିଁକି ?

(ଗ) ପଲ୍‌ଟୁର ଛାଇଛାଇକା କି ଧାରଣା ଥିଲା ?

(ଘ) ସନ୍ଧ୍ୟାରେ ଘଟିବାକୁ ଥିଲା ଘଟଣା ସୁକୁମାର ପଲ୍‌ଟୁ ନିକଟରେ ଗୋପନ ରଖୁଥିଲେ କାହିଁକି ?

**ଉତ୍ତର**

(କ) ସୁକୁମାର ଜଣେ ଦକ୍ଷ କଳାକାର ଥିଲେ । ଏକ ପୌରାଣିକ ନାଟକରେ ତାଙ୍କର ମୁଖ୍ୟ ଚରିତ୍ର ରହିଥିଲା । ସେହି ନାଟକ ପୂର୍ବାଭ୍ୟାସ ପାଇଁ ସେ ମହନଗରୀରୁ ମାସେ ଛୁଟି ନେଇ ଆସିଥିଲେ ।

(ଖ) ସୁକୁମାରଙ୍କ ପୁତ୍ର ପଲ୍‌ଟୁ ପିତାଙ୍କ ସହ ଖେଳିବାର ମୂଲ୍ୟବାନ ସୁଯୋଗକୁ ହରାଉଥିଲା କାରଣ ପ୍ରତି ସନ୍ଧ୍ୟାରେ ନାଟକର ଅଭ୍ୟାସ ନିମନ୍ତେ ଚାଲିଯାଉଥିଲା । ଫଳରେ ପିତାଙ୍କ ଭଳି ଜଣେ ବନ୍ଧୁଙ୍କ ସାନିଧ୍ୟରୁ ସେ ବଞ୍ଚିତ ହେଉଥିଲା ।

(ଗ) ପଲ୍ଟୁ ପିତା ମାତାଙ୍କୁ କଥାବର୍ତ୍ତା ହେଉଥିବାରୁ ଦେଖି ଅନୁମାନ କରିଥିଲା ଆଜି ସନ୍ଧ୍ୟାରେ କିଛି ଗୋଟାଏ ଆନନ୍ଦ ଦାୟକ ଘଟଣା ଘଟିବାକୁ ଯାଉଛି। ଆଉ ଏଇ ଘଟଣା ସହିତ ତା'ର ପିତା ଜଡ଼ିତ। ପିତାଙ୍କୁ ପ୍ରତିଦିନ ସନ୍ଧ୍ୟାରେ କେଉଁ ଆଡ଼େ ଚାଲି ଯାଆନ୍ତି ତାହା ପଲ୍ଟୁ ଜାଣେନା। କିନ୍ତୁ ଆଜିର ସନ୍ଧ୍ୟା ସହିତ ପିତାଙ୍କର ବିଶେଷ କିଛି ଭୂମିକା ରହିଛି ତାହା ସେ ବୁଝିପାରିଛି। ଆଗତ ପ୍ରାୟ ସଂଧାର ଘଟଣା ସହିତ ତା'ର ପିତା ସଂପର୍କିତ ଏଇ ଧାରଣା ତା'ର ସ୍ପଷ୍ଟ ନହେଲେ ମଧ ଛାଇଛାଇକା ରହିଛି।

(ଘ) ଅଭିନୟ କ୍ଷେତ୍ରରେ ସୁକୁମାରଙ୍କର ଭଲ ଦକ୍ଷତା ଥିଲା। ତାଙ୍କର ଚମତ୍କାର ଅଭିନୟରେ ଶହ ଶହ ଦର୍ଶକ ମୁଗ୍ଧ ହେଉଥିଲେ। ତେଣୁ ତାଙ୍କର କଳାକାର ମନ ନିଜ ଅଭିନୟ କଳାରେ ପଲ୍ଟୁର ଶିଶୁ ମନକୁ ଆଶ୍ଚର୍ଯ୍ୟ ଚକିତ କରିବାକୁ ଚାହୁଁଥିଲେ। ସେତେବେଳେ ସେ ଚିନ୍ତା କରି ନଥିଲେ ଯେ ତାଙ୍କ ଚରିତ୍ରର ଅଭିନୟ ପଲଟୁକୁ ଆଶ୍ଚର୍ଯ୍ୟ କରିବା ନାହିଁ ବରଂ ଭୟଭୀତ କରିବ। ସେଥିପାଇଁ ମାସେ ଛୁଟିରେ ମହାନଗରୀରୁ ଆସିଥିଲେ ଏବଂ ପ୍ରତିଦିନ ସଂନ୍ଧ୍ୟାରେ ପଲ୍ଟୁ ସହ ନଖେଳି ନିଜ ଭୂମିକାର ଅଭ୍ୟାସ ପାଇଁ ଚାଲି ଯାଉଥିଲେ। ଉଦ୍ଦେଶ୍ୟ ଥିଲା ନିଜ ଭୂମିକାରେ ଅଭିନୟ କରି ପଲଟୁକୁ ଆଶ୍ଚର୍ଯ୍ୟ ଚକିର କରିବେ। ସେଥିପାଇଁ ସେ ଦିନ ସନ୍ଧ୍ୟାର ସମସ୍ତ ଯୋଜନାକୁ ଗୋପନ ରଖାଯାଇଥିଲା। ସେଠି ଦେଖାଦେବ ତା'ର ଅତି ଆପଣାର ବାପା, ବାହାରିଲେ ମୁଁ ଡାକିବି।"

"ଛିଃ, ପାଟି ଫିଟାଇବୁ ନାହିଁ।" କହିଲା ବୋଉ। ଏଭଳି ପରାମର୍ଶ ପଲ୍ଟୁକୁ ଅର୍ଥହୀନ ମନେହେଲା।

**(i) ତା' ବାପା କେଉଁଠାରୁ ବାହାରିବ ବୋଲି ପଲ୍ଟୁ ଜାଣିଲା ?**

ଉ : ପ୍ରେକ୍ଷାଳୟରେ ବୋଉ ପାଖରେ ପଲ୍ଟୁ ବସି ତା ପାଖ ସିଟ୍ ସୁକୁମାର ପାଇଁ ରଖୁଥିଲା। ଆଉ ଜଣେ ମହିଳା ସେଠାରେ ବସିବାରୁ ପଲ୍ଟୁ ବାଧା ଦେଲା। ସେତେବେଳେ ତା' ବୋଉ ରଙ୍ଗମଞ୍ଚ ଆଡ଼କୁ ଠାରି ଦେି ତା' ବାପା ସେଠି ବାହାରିବେ ବୋଲି ଜଣାଇଲେ। ପଲ୍ଟୁକୁ ଆଶ୍ଚର୍ଯ୍ୟ ଲାଗିଲା, ମଜା ବି ଲାଗିଲା।

**(ii) ବୋଉ ତାକୁ କି ପରାମର୍ଶ ଦେଲେ ? କାହିଁକି ?**

ଉ : ପଲ୍ଟୁ କହିଲା ବାପା ରଙ୍ଗମଞ୍ଚରେ ବାହାରିଲେ ସେ ଡାକିବ। ହୁଏତ ତାହା ଦ୍ୱାରା ତା ନିଜର ଗୁରୁତ୍ୱ ବଢ଼ିବ ବୋଲି ତାକୁ ଲାଗିଲା। ଆଗରୁ ତା'ର ନିଜର କେହି ସେଠାରେ ଅଭିନୟ କରୁଥିବା ସେ ଜାଣିନଥିଲା। ତା'ର ବାପାକୁ ଡାକିବାକୁ ଇଚ୍ଛା ଜାଣି ବୋଉ ଏପରି କରିବାକୁ ବାରଣ କଲେ।



**(iii) ବୋଉ ତାକୁ କି ପରାମର୍ଶ ଦେଲେ ? କାହିଁକି ?**

ଉ : ନାଟକର ପ୍ରଥମ ଦୃଶ୍ୟ ଥିଲା ରାଣୀ କର୍ଣ୍ଣବତୀ ଶିଶୁ ଉଦୟକୁ ଧାଈ ପାନ୍ନା ଦାୟିତ୍ୱରେ ଦେଇ ସତୀ ହେବାକୁ ଚାଲିଗଲେ। ଏହି ଦୁଃଖଦ ପରିସ୍ଥିତି ଲାଗି ଧାଈ ପାନ୍ନା କାନ୍ଦି ପକାଇଲେ। ପଲ୍ଟୁ ଏସବୁ କିଛି ବୁଝୁନଥିଲା। ତେଣୁ ସେ ଧାଈର ଶୋକର କାରଣ ପଚାରିଲା।

**(iv) ନାଟକର ଦୃଶ୍ୟଗୁଡ଼ିକ ତା' ପାଇଁ ଦୁର୍ବୋଧ ଥିଲା କାହିଁକି ?**

ଉ : ମିବାର ରାଜ ପରିବାରର ଏହି ଘଟଣା ପଲ୍ଟୁ ଜାଣିନଥିଲା କି ବୁଝିପାରୁ ନଥିଲା। ସେ କେବଳ ଅପେକ୍ଷା କରିଥିଲା ତା' ବାପାକୁ। ସେ ବାହାରୁ ନଥିଲେ। ତେଣୁ ଏହି ଦୁର୍ବୋଧ୍ୟ ଦୃଶ୍ୟଗୁଡ଼ିକ ତା' ପାଇଁ ବିରକ୍ତିକର ଥିଲା।

**4. ସେ ପାଟି ମେଲାକରି ଆସିବା ବେଳକୁ ତା' ମୁହଁର ଅଭିବ୍ୟକ୍ତି ଦେଖି ବୋଉ ଚଟାପଟ୍ ଉଠିପଡ଼ି ତାକୁ ଧରି ବାଲ୍‌କୋନି ବାହାରକୁ ପଳାଇଲା। ବାଉଳାରେ ଚିତ୍କାର କରି କାନ୍ଦିଉଠିଲା ପଲ୍ଟୁ ଓ ବୋଉକୁ ଜଡ଼ାଇ ଧରିଲା।**

**(i) ପଲ୍ଟୁ କାହିଁକି ପାଟି ମେଲା କରୁଥିଲା ?**

ଉ : ବନବୀର ଉଦୟକୁ ବଧ କରିବା ପାଇଁ ତରବାରୀ ଉଠାଇଲା ଓ ଜୋର୍‌ରେ ହସିଲା। ହସର ଶବ୍ଦରୁ ବନବୀର ଯେ ସୁକୁମାର ଏହା ପଲ୍ଟୁ ଜାଣିଦେଲା। ତା'ର ସ୍ନେହୀ ବାପା ଯେ ଜଣେ ହତ୍ୟାକାରୀ ଏକଥା ହୃଦୟଙ୍ଗମ କରି ପଲ୍ଟୁ କାନ୍ଦି ଉଠିଲା। କାନ୍ଦିବା ପାଇଁ ସେ ପାଟି ମେଲା କରିଥିଲା।

**(ii) ବୋଉ ତାକୁ ବାଲ୍‌କୋନିକୁ ନେଇଗଲେ କାହିଁକି ?**

ଉ : ପଲ୍ଟୁର କାନ୍ଦ ସମଗ୍ର ପ୍ରେକ୍ଷାଳୟର ପରିବେଶକୁ ନଷ୍ଟ କରିଦେବ, ସମସ୍ତେ ହେବେ, ଏକଥା ବୁଝି ବୋଉ ତାକୁ ବାଲ୍‌କୋନିକୁ ନେଇଗଲେ। ସେଠାରେ ସେ ଚିତ୍କାର କରି କାନ୍ଦି ଉଠିଲା।

**(iii) ବାଉଳାରେ ଚିତ୍କାର କରିବା କହିଲେ କ'ଣ ବୁଝ ?**

ଉ : କିଛି ନବୁଝି କେବଳ ଭୟ ପାଇ ଚିତ୍କାର କରି କାନ୍ଦିବାକୁ ବାଉଳାରେ କାନ୍ଦିବା କହନ୍ତି। ନାଟକର କାହାଣୀ, ଅଭିନୟ ବା ଅଭିନେତା କିଛି ବି ପଲ୍ଟୁ ବୁଝୁ ନଥିଲା। ତା' ବାପା ଗୋଟିଏ ନିଦ୍ରିତ ଶିଶୁକୁ ହତ୍ୟା କଲେ ତାହା ହିଁ ପଲ୍ଟୁ ଜାଣୁଥିଲା, ତେଣୁ ସେ ବ୍ୟାକୁଳ ହୋଇ କାନ୍ଦିବାରେ ଲାଗିଲା।

**(iv) ପଲ୍ଟୁ ଉଠିବା ଆଗରୁ ସୁକୁମାର ସହରକୁ ଚାଲିଗଲେ କାହିଁକି ?**

ଉ : ପଲ୍ଟୁର ତା' ବାପା ଉପରୁ ବିଶ୍ୱାସ ଛାଡ଼ିଗଲା। ହେଉ ପଛେ କିଛିଦିନ ପାଇଁ, କିନ୍ତୁ ବର୍ତ୍ତମାନ ଯେତେ ବୁଝାଇଲେ ବି ସେ କାହାଣୀ ଅଭିନୟ କିଛି ବୁଝିବ ନାହିଁ। କେବଳ ତା' ବାପା ହତ୍ୟାକାରୀ ବୋଲି ଭାବିବ ଓ ତା'ପାଖରୁ ଦୂରରେ ରହିବାକୁ ଇଚ୍ଛା କରିବ। ଏହି ପରିସ୍ଥିତି ପୁରୁଣା ହୋଇଗଲେ ଯେତେବେଳେ ସେ ସବୁ ବୁଝିବ ସେତେବେଳେ ଯାଏଁ ଅପେକ୍ଷା କରିବାକୁ ସ୍ଥିର କରି ପଲ୍ଟୁ ଉଠିବା ଆଗରୁ ସୁକୁମାର ସହରକୁ ଚାଲିଗଲା।